# ପିଲାଙ୍କ କଥା
## (ଡିଡାୟୀ)
## ଦ୍ୱିତୀୟ ଭାଗ



# ପିଲାଙ୍କ କଥା (ଡିଡାୟୀ)

## ଦ୍ୱିତୀୟ ଭାଗ

ବହୁଭାଷୀ ଶିକ୍ଷଣ କାର୍ଯ୍ୟକ୍ରମ ଆଧାରରେ ପିଲା ଓ
ଶିକ୍ଷକଙ୍କ ନିମନ୍ତେ ଅତିରିକ୍ତ ପୁସ୍ତିକା


ନିର୍ଦ୍ଦେଶକ
ପ୍ରଫେସର ଅଖିଳ ବିହାରୀ ଓତା

ପ୍ରସ୍ତୁତି
ଡିଡାୟୀ ସଂସାଧକ ମଣ୍ଡଳୀ
ଶ୍ରୀ ସୁବାଷ ମୁଦୁଲି
ଶ୍ରୀ ଶୁଣ୍ଡି ବିଶୋଇ
ଶ୍ରୀ ବଳରାମ ଚ୍ଛଲାଣ

ସଂଯୋଜନା
ଡ଼ଃ ପରମାନନ୍ଦ ପଟେଲ

ଅଳଙ୍କରଣ
ପ୍ରିୟରଞ୍ଜନ ବରାଳ



ପ୍ରକାଶକ
ଆଦିବାସୀ ଭାଷା ଓ ସଂସ୍କୃତି ଏକାଡେମୀ
ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ ବିଭାଗ,
ଓଡ଼ିଶା ସରକାର, ଭୁବନେଶ୍ୱର



Director :
**Prof. (Dr.) A.B. Ota**

Prepared by :
**Didai Resource Group**
**Sri Subash Muduli**
**Sri Sundi Bisoi**
**Sri Balaram Challan**

Co-ordinator :
**Dr. Paramananda Patel**

Illustration :
**Priyaranjan Baral**



Published by :
**Academy of Tribal Languages & Culture**
ST & SC Development Department,
Govt. of Odisha, Bhubaneswar

# ମୁଖବନ୍ଧ

ଆମ ଓଡ଼ିଶାରେ ୬୨ ଜନଜାତି ସମ୍ପ୍ରଦାୟ ବସବାସ କରନ୍ତି । ଏମାନଙ୍କ ମଧ୍ୟରେ ୨୨ ଗୋଟି ଭାଷା ପ୍ରଚଳିତ ଥିବାର ନଜରକୁ ଆସିଛି । ପୁନଶ୍ଚ ପ୍ରତ୍ୟେକ ଜନଜାତି ଗୋଷ୍ଠୀର ଆଞ୍ଚଳିକତା ଭେଦନେଇ ଏହି ଭାଷାଗୁଡ଼ିକ ଅନେକ ଉପଭାଷା; ବୋଲି ତିଆରି କରି ଦେଇଛି । ତେଣୁ ଏହା ବିଚାରକୁ ନେଲେ ଅନେକ ଭାଷା-ଉପଭାଷାର ସମାହାର ଏକ ବୈଚିତ୍ର ପରିବେଶ ସୃଷ୍ଟି କରେ ।

ଦ୍ୱିତୀୟତଃ, ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ ବିଭାଗ ଦ୍ୱାରା ଯେଉଁ କେତେକ ବିଦ୍ୟାଳୟ ପରିଚାଳିତ ସେଠିକାର ଭାଷା ବ୍ୟବସ୍ଥା ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗର ସ୍କୁଲଠାରୁ ଭିନ୍ନ । ଏଠାରେ ପଢୁଥିବା ପିଲାମାନଙ୍କ ପାଇଁ ଆବାସିକ ସୁବିଧା ଥିବାରୁ ବାହାର ଅଞ୍ଚଳରୁ ଓ ଭିନ୍ନ ଭିନ୍ନ ଗୋଷ୍ଠୀରୁ ପିଲାମାନେ ଆସନ୍ତି । ପ୍ରତ୍ୟେକଙ୍କ ଭାଷା-ସଂସ୍କୃତି ଅପରଠାରୁ ଭିନ୍ନ । ଏକୁ ଆରେକ ବୁଝିବାରେ ଅକ୍ଷମ । ପୁଣି ଏମାନେ ରାଜ୍ୟ ବ୍ୟବସ୍ଥାରେ ପାଠ ପଢ଼ନ୍ତି । ଶିକ୍ଷକ ମଧ୍ୟ ରାଜ୍ୟ ବ୍ୟବସ୍ଥା ସହ ଜଡ଼ିତ, ତେଣୁ ଏଠାରେ ପ୍ରକୃତରେ ଏକ ବହୁ ଭାଷିକ କ୍ଷେତ୍ର ପ୍ରସ୍ତୁତ ହୁଏ; ଯେଉଁଠି ଶିକ୍ଷକ ପାଇଁ ସ୍ୱତନ୍ତ୍ର ଦକ୍ଷତାର ଆବଶ୍ୟକତା ଦେଖାଦିଏ ।

ଏହି ଦକ୍ଷତା ସାଧନକୁ ପୂର୍ତ୍ତି କରିବା ପାଇଁ କିଛି ଶିକ୍ଷଣୀୟ ସାଧନ ପୁସ୍ତିକା ସହ ସ୍ୱତନ୍ତ୍ର ତାଲିମ୍ ବ୍ୟବସ୍ଥାର ଆବଶ୍ୟକତା ଅନୁଭୂତ ହୁଏ, ଯାହା ଭିନ୍ନ ଭିନ୍ନ ଭାଷା-ସଂସ୍କୃତିର ପିଲାମାନଙ୍କୁ ଏକତ୍ର ବାନ୍ଧିବାରେ ଓ ଶିକ୍ଷଣ ପ୍ରକ୍ରିୟାରେ ସାମିଲ୍ କରିବାରେ ସହାୟକ ହେବ ବୋଲି ଆଶା କରାଯାଏ ।

ପଦକ୍ଷେପ ସ୍ୱରୂପ ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ ବିଭାଗର ପ୍ରାଥମିକ ଶିକ୍ଷକମାନଙ୍କୁ ବହୁଭାଷୀ ଶିକ୍ଷଣରେ ଦକ୍ଷତା ହାସଲ ଉପରେ ଏକ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ପ୍ରସ୍ତୁତ ସହ ପର୍ଯ୍ୟାୟ କ୍ରମେ ତାଲିମ୍ ପ୍ରଦାନ କରାଯାଉଛି । ଦ୍ୱିତୀୟତଃ, ପ୍ରଥମ, ଦ୍ୱିତୀୟ ଶ୍ରେଣୀର ପିଲାମାନଙ୍କୁ ପଢ଼ାଇବା ପାଇଁ ପାଠ୍ୟ ପୁସ୍ତକ ଆଧାରିତ ଶବ୍ଦକୋଷ, ଯାହା ଶିକ୍ଷକଙ୍କ ନିମନ୍ତେ ଉଦ୍ଦିଷ୍ଟ ଏବଂ ତୃତୀୟତଃ ପିଲାମାନଙ୍କ ପଢ଼ିବା ପାଇଁ ତାଙ୍କ ଭାଷା, ସଂସ୍କୃତି ଓ ପରମ୍ପରା ଓ ରାଜ୍ୟ ଭାଷା ଆଧାରିତ କିଛି ମନଛୁଆଁ ଚିତ୍ରଭିତ୍ତିକ କାହାଣୀ, ଗୀତ-ପହଳିର ଅତିରିକ୍ତ ପୁସ୍ତିକା ପ୍ରସ୍ତୁତ କରାଯାଉଛି ।

ଏହା ପିଲାମାନଙ୍କୁ କେବଳ ଯେ ଆନନ୍ଦ ଦେବ ତା ନୁହେଁ, ତାଙ୍କ ସଂସ୍କୃତିର ଅନେକ ଉପାଦେୟ ବିଷୟ କିପରି ମୁଖ୍ୟ ସଂସ୍କୃତିକୁ ପ୍ରଭାବିତ କରୁଛି ତା ଉପରେ ଧାରଣା ଦେବ ।

ପ୍ରସ୍ତୁତ ଡିଡାୟୀ ଭାଷାର ଦ୍ୱିତୀୟ ଭାଗରେ ସନ୍ନିବିଷ୍ଟ କାହାଣୀ ଗୁଡ଼ିକରେ ସ୍ଥାନୀୟ ସାଂସ୍କୃତିକ ଉପାଦାନକୁ ପ୍ରାଧାନ୍ୟ ଦିଆଯାଇଛି । ଏକ ବୃହତ୍ତର ଜନ ସମୁଦାୟର ସଂସ୍କୃତି କିପରି ପରସ୍ପରକୁ ପୁଷ୍ଟ କରିଛି ଓ ନିଜର କରିଛି ତାର ଏକ ଝଲକ ଏହି ପୁସ୍ତିକାରୁ ମିଳିପାରିବ ।

**ଅଖିଳ ବିହାରୀ ଓତା**

# ବନୁକୁ ବୁଦୁରା ଆରି ବଣୁକି ବୁଦୁରି ନେ ଉସ୍ରା
# (ବନୁକୁ ବୁଦ୍‌ରା ଓ ବନ୍‌କି ବୁଦ୍‌ରା କଥା)

ମୁଇଙ୍ଗ ଇନି ଡକରା ଡକରି ମ୍ୱାୟା ଲା ଡିଙ୍ଗ ଆରଗେ । ମେଇଙ୍ଗ ନେ ମୁଇଙ୍ଗ ଡାକଚେ ଇଙ୍ଗିରେ ଗଢ଼େଅଃ ଲାକେ । ମା ମିନି ବନୁକୁ ବୁଦୁରା । ମୁଇଙ୍ଗ ଦିନ ବନକୁ ବୁଦୁରା ଇଆାଙ୍ଗଣ୍ଡା ବାସଙ୍ଗ କେ "ବାବୁରେ ନମୁଇଙ୍ଗ ସେଲା ମୁଇଙ୍ଗ ଡୁଙ୍ଗ ଉଈଗ ଲା । ବନକୁ ବୁଦୁରା ବାସଙ୍ଗ କେ, ଆଁ ଇଆାଙ୍ଗ ନେଙ୍ଗ ମୁଇଙ୍ଗ ସେଲା ଡୁଙ୍ଗ ଉଙ୍ଗିଙ୍‌ ଗେ, ମା ପଛେ ଉଡିନ ସେଲା କେ ତୁର ତାରକେ । ଡେକେ ଏ ତୁର ତୁର ମୁଇଙ୍ଗ ସେଲା ଅବାକେ । ଉଡିନ ସେଲା କେ ମା ପାଚାରେ କେ "ଆନା ନେଗ ବିବା ଣ୍ଡିଙ୍ଗ ଏ" ନା ଆନେଙ୍ଗ ବିବା ନାଡିଙ୍ଗଏ କି ? ସେଲା ରାଜି ଡିଙ୍ଗକେ । ସେଲା ମିନି ଡିଙ୍ଗ କେ ବନକି ବୁଦୁରି । ଉଙ୍ଗଣ୍ଡା ସେଲା ସାଛେ ଡୁଆ ଡୁଙ୍ଗ ଉଇକ କେ ଆରି ଇଆାଣ୍ଡ ଣ୍ଡାକେ ବାସଙ୍ଗ କେ, ସେଲା ଡୁଙ୍ଗ ଗୁଇକ କେ । ଇଆାଙ୍ଗ ନା ରମିଆ ମାଁନା ଡୁଏ ଏ । ଇଆାଣ୍ଡ ଣ୍ଡା ରମିଆ ମାଁ ଦୁଏଛେ ଆରି ସେଲା ଙ୍ଗିରେ କେଁ ବି କେ ।



ଗୋଟିଏ ଗାଁରେ ବୁଢ଼ା ବୁଢ଼ୀ ଦୁଇଜଣ ରହୁଥିଲେ । ତାଙ୍କର ଗୋଟେ ବୋଲି ପୁଅ ଥିଲା । ତାର ନା ବନ୍‌କୁ ବୁଦୁରା । ଦିନେ ବନ୍‌କୁ ବୁଦୁରାର ମାଆ କହିଲା, ବାବୁରେ ତୁ କନ୍ୟାଟିଏ ଆଣେ । ବନ୍‌କୁ ବୁଦୁରା କହିଲା, ହଁ ମା' ମୁଁ ଆଣିବି । ତା'ପରେ ସେ କନ୍ୟା ଖୋଜି ବାହାରିଲା । ଏମିତି ଖୋଜୁଖୋଜୁ ଗୋଟିଏ ଝିଅକୁ ଭେଟିଲା । ସେଇ ଝିଅକୁ ସେ ପଚାରିଲା "ତୁ ମତେ ବିଭା ହେବୁ କି ? ଝିଅଟି ରାଜି ହେଲା । ଝିଅର ନା ହେଉଛି ବନ୍‌କି ବୁଦୁରୀ । ପୁଅ ବନକୁ ବୁଦୁରା କନ୍ୟା ଧରି ଆସିଲା ଏବଂ ମାଆକୁ କହିଲା, କନ୍ୟା ଆସିଲା ମାଆ, ତୁ ବିରି ତରକାରି ରାନ୍ଧିବୁ । ମାଆ ବିରି ତରକାରି ରାନ୍ଧିଲା, ଏବଂ ପିଲାମାନଙ୍କୁ ଖାଇବାକୁ ଦେଲା ।

ଉଡି ଦିନ ଉଓ୍ୱେକେ ପଛେ ତେନାକେ ଯେ ବନୁକୁ ବୁଦରା କାନେଢ଼ା ଯବର ଚଙ୍ଗ ବି ଡିଙ୍ଗ କେ । କାଲାଃ ବଲେ ଓ୍ୱେଛା ଆଡିଙ୍ଗ କେ । ସାପା ଓ୍ୱେଛା ଆଡିଙ୍ଗି କେ । ଆକନେ ସାପା କିକେ ଛେ ଉଁଣ୍ଡା ଏତାକେ, ଯେ ମା ଣ୍ଡିଙ୍ଗଏ । ଇଆଣ୍ଡ ଣ୍ଡା ବାସଙ୍ଗ କେ ନାରାଜନେ ଡୁଆ ଗିମି ନା ତୁରତିଆ ଓ୍ୱେଲା । ଉଙଣ୍ଡା ମାନେକେ । ମା ରାଜା ନ୍ତୁକ ଓ୍ୱେଛେ ସାପା ସାମୁଆ ବାସଙ୍ଗ କେ । ରାଜା ଉତିନ ଗଡ଼େଅଃ କେ ଗିମି ତୁରତିଆ ଇନସା ବିକେ । ଗଡ଼େଅଃ ଗିମି ତୁରତିଆ ନ୍ସ୍ୱା ଓ୍ୱେଗେ । କନେଆଣ୍ଡା ମୁଇଙ୍ଗ ଦିନ କଣ୍ଡା ଓ୍ୱେ ଆରକେ । ବନୁକୁ ବୁଦରା ମୁଇଙ୍ଗ ସ୍ଲ ନ୍ତୁକ ଆଃନା ଏତେ ପ ବେକେ । ଇଉଟିଆଇଏନ ସ୍ଲ ଭା ଞ୍ଜୁଙ୍ଗ ଫେଣା ତାରକେ । ବନୁକୁ ବୁଦରା ବନକି ବୁଦୁରି କନେ ଆଁଣ୍ଡା କୁଡ଼େଛେ ଞ୍ଜୁଙ୍ଗ ଫେଣା ରାସିଙ୍ଗ ଆରକେ । ବନୁକୁ ବୁଦରା ଆରି ବାସଙ୍ଗ କେ, ନେଙ୍ଗ ଆରି ମୁଇଙ୍ଗ ସ୍ଲ ନ୍ତୁକ ଟୁଇଙ୍ଗ ଙ୍କେ ଏ ।



କିଛି ଦିନ ପରେ ଦେଖାଗଲା ଯେ, ସ୍ତ୍ରୀ ବେଶୀ ବେଶୀ ଖାଇ ପକାଉଛି । ସବୁବେଳେ ଖାଇବା ନିଅଂଟ ହେଉଛି । ନିଅଂଟ ହେଲା କିପରି ? ଏସବୁ ଦେଖି ପୁଅ ଭାବିଲା, କ'ଣ କରିବ । ମାଆ ପୁଅକୁ କହିଲା, ତୁ ଯା ରାଜା ଘର ଛେଳି ଚରାଇବୁ । ପୁଅ ରାଜିହେଲା । ସେ ରାଜା ପାଖକୁ ଯାଇ ସବୁକଥା କହିଲା । ରାଜା ସେହି ପୁଅକୁ ଛେଳି ଦେଲେ । ପୁଅ ଛେଳି ଚରାଇବା ପାଇଁ ଗଲା । ସ୍ୱାମୀ ସ୍ତ୍ରୀ ଦିନେ ଜଙ୍ଗଲକୁ ଯାଇଥିଲେ । ବନକୁ ବୁଦୁରା ଗୋଟିଏ ଗଛରେ ତୀର ଭୁଶିଦେଲା । ସେହି ଗଛରୁ ମହୁ ଫେଣା ବାହାରିଲା । ବନ୍‌କି ବୁଦୁରୀ ଓ ବନ୍‌କୁ ବୁଦୁରା ସ୍ୱାମୀ ସ୍ତ୍ରୀ ମିଶି ମହୁ ସଂଗ୍ରହ କଲେ । ବନ୍‌କୁ ବୁଦୁରା ପୁଣି କହିଲା, ମୁଁ ଆଉ ଗୋଟିଏ ଗଛକୁ ବିନ୍ଧି ଦେଖୁଛି ।

ଞୁଙ୍ଗ ଂ ଣା ନ୍ତୁକ ବାହାଲେ ଣ୍ଡୁ । ମ ବିନେ ପାକା କିକେଚେ ବନୁକୁ ବୁଦରା ଇଂନ୍ନା ତେ ଟୁଇଙ୍ଗି କେ । କନେ ଆଣ୍ଡା କେଣେ ୱ୍ୱେ ଆରକେ । ସତ କେ ସତ ଞୁଙ୍ଗ ଂ ଣା ନ୍ତୁକ ଇଂନ୍ନା ବାହାଲାକେ । ବନକି ବୁଦୁରି ବାସଙ୍ଗକେ ନାନନେ ସାମୁଆ ସତ ଡିଙ୍ଗ କେ । ଉତିନି ଞୁଙ୍ଗ ଂ ଣା ସାଛେ କନେ ଆଣ୍ଡା ଡୁଆ ଉଇଗ ଆରକେ । କନେ ଆଣ୍ଡା ଆରି ଇଆଙ୍ଗଣ୍ଡା ଏତେ ବାଟାକୁଟା ଛେ ଚଙ୍ଗ ଆରକେ । ଞୁଙ୍ଗ ଂ ଣା ଚଙ୍ଗ ଛେ ବନୁକୁ ବୁଦ୍ରା ଯବର ବପୁ ଆଡିଙ୍ଗ କେ ଆରି ଇନି ରେମୁଆ କେ ଡିଡି ଡିଙ୍ଗଲା ଡିଙ୍ଗ ଏ । ଡଙ୍ଗା ନେ ଆନ୍ତର ଏ । ଇଆଙ୍ଗ ଏକେ ମୁଇଙ୍ଗ ଗିସେଙ୍ଗ ଭାଗୁଏପା ଆରି ମାଁ ଡୁଉପା । ନେ କନେ ଆଣ୍ଡା ଏକେ ଗିମି ଡୁରତିଆ ନେୱ୍ୱେ ଏ । ବନକି ବୁଦୁରି ବାସଙ୍ଗ କେ ନେନେ ନିଆଙ୍ଗ ଡୁଆ ଗିସେଙ୍ଗ ଛି ଡୁଏ ଡିଙ୍ଗ ଆରକେ । ବନକି ବୁଦୁରି ସ୍ଲେ ଆନ୍ତର ଛେ ଅଲେଙ୍ଗ ସାର ୱ୍ୱେ ଆରଗେ ।



ମହୁ ଫେଣାରେ ବାଜିବକି ନାହିଁ । ଆର କଣ ଆଡ଼କୁ ଚାହିଁ ବନ୍‌କୁ ବୁଦୁରା ତୀର ବିନ୍ଧିଲା । ସ୍ୱାମୀ ସ୍ତ୍ରୀ ମିଶି ଦେଖିବାକୁ ଗଲେ । ସତକୁ ସତ ମହୁ ଫେଣା ଥିଲା । ବୁନ୍‌କି ବୁଦୁରୀ କହିଲା ତୁମ କଥା ସତ । ସେଇ ମହୁ ଫେଣାକୁ ସ୍ୱାମୀ ସ୍ତ୍ରୀ ନେଇ ଘରକୁ ଫେରିଲେ । ମା’ ସହିତ ତିନିଜଣ ମିଶି ମହୁ ଫେଣାକୁ ବାଂଟି ଖାଇଲେ । ପରଦିନ ବନ୍‌କୁ ବୁଦୁରା କହିଲା କୁକୁଡ଼ା ଗୋଟିଏ ମାରି ତରକାରି କର ମାଁ । ଆମେ ଛେଳି ଚରାଇବାକୁ ସ୍ୱାମୀ ସ୍ତ୍ରୀ ଯିବୁ । ବନ୍‌କି ବୁଦୁରୀ କହିଲା ମୋର ମାଁ ଘରେ କୁକୁଡ଼ା ମାଂସ ତରକାରି କରୁଛି । ସ୍ୱାମୀ ସ୍ତ୍ରୀ କାମ ଛାଡ଼ି ଦେଇ ଅନ୍ୟ ଜାଗାକୁ ବୁଲିବାକୁ ଗଲେ ।

**ତେହେଲା ବନୁକୁ ବୁଦରା ନ୍ତୁକ । ମାନେ କନେଢ଼ା ବାସଙ୍ଗ କେ, ଆରେ ବନୁକୁ ବୁଦରା ନାଟ ଗେଃନ୍ନ ମିଆ ନାଲାକେ । ନେନ ଦେଶ ନ୍ତୁକ ତ ଣ୍ଡିଆ ଣ୍ଡୁ ନା ଇକୁଡା ମାପ୍ରୁ ଡିଙ୍ଗଲା ଣ୍ଡିଆ ଇକୁଡା ଗୁର ଏ । ବନୁକୁ ବୁଦରା ଗିଗେନେ ଆରମା କେ ଆରି ଗିଗେ କେ । ଏ କିତଙ୍ଗ ମାପ୍ରୁ ନେନେ ଦେଶ ନ୍ତୁକ ଇକୁଡା ଣ୍ଡିଆ ଗୁର ବେ । ସତକେ ସତ ସାନ୍ତା, ସାମାରା, ଆଙ୍ଗ୍ରା ବିତରେ ସତକେ ସତ ଣ୍ଡିଆ ଯବର ଗୁରକେ । ବନୁକୁ ବୁଦରାସତ ଡାକଚେ ସାପା ରେମୁଆ ଆରି କନେଣ୍ଡା ବିସାଶ ଡିଙ୍ଗ ଆରକେ ଆରି ଦେଶନେ ରେମୁଆ ଇଙ୍ଗ ବୁଦୁରା କେ ଦୁଇ ହଜାର ଡାବୁ, ସୁନା, ରୂପା ବି ଆରକେ । ବନୁକୁ ବୁଦରା ଉତିନେ ଡାବୁ, ସୁନା, ରୂପା ସାଛେ ଇଆଙ୍ଗ ତେ ମେନା ଡୁଆ ଗଗଚେ ମାଣ୍ଡା କରି ବୁଆ ଆରକେ ।**




ହେଲେ ବନ୍‌କୁ ବୁଦୁରାକୁ ତା’ ସ୍ତ୍ରୀ କହିଲା, ଆରେ ବନ୍‌କୁ ବୁଦୁରା ତୁ ତ ଦିସାରି ଜାଣିଛୁ । ଦେଶକୁ ବର୍ଷା ଟୋପାଏ ମାରୁନି, ଟିକେ ପୂଜା କରି ବର୍ଷା ପାଇଁ କହି ଦେଖ ଆକାଶ ଦେବୀକୁ । ବନକୁ ବୁଦୁରା ପୁଜା ଆରମ୍ଭ କଲା ଏ ପ୍ରଭୁ ଆକାଶଦେବୀ ଆମ ଦେଶକୁ ବର୍ଷାଟିକେ ମାରିଦେମାଁ । ସତକୁ ସତ ଶନିବାର ଦିନ ମେଘ ଆରମ୍ଭ ହେଲା । ରବିବାର, ସୋମବାର, ମଙ୍ଗଳବାର ଭିତରକୁ ପାଣି ପିଟ୍ ପାଟ୍ କରି ବର୍ଷା ଜୋର୍‌ରେ ହେଲା । ବନକୁ ବୁଦୁରାକୁ ସତ୍ୟ ବୋଲି ତା ସ୍ତ୍ରୀ ଏବଂ ଦେଶ ଲୋକ ବନକୁ ବୁଦରାଙ୍କୁ ଦୁଇ ହଜାର ଟଙ୍କା, ପାଞ୍ଚ ମହଣ ସୁନା, ରୁପା, ଗହଣା ଦେଲେ । ବନକୁ ବୁଦୁରା ସେହି ପଇସା, ସୁନା ଓ ରୁପା ନେଇ ମାଁ ସହିତ ବଡ଼ ଘର କରି ରହୁଛନ୍ତି ।

ପିଲାଙ୍କ କଥା

# ଅରିଙ୍ଗି ଇନି ନେ ଉସ୍ରା (ଅରିଙ୍ଗି ଗାଁର କଥା)

ସେସା ଦାରିଙ୍ଗ ମିନିନେ ଡିଡାୟି ଇନି ଆଲଗେଆକାନେ ମ୍ୟାର ବାସାଜାଗା । ସେସା ଇନି ଲାଗେଯାନବାଇ ଆରି ସିଙ୍ଗଲା ବାଇ । ଆକେନେ ଜାଗା ରଣି ମଙ୍ଗଲା ମିନି ମୁଇଙ୍ଗ ରେମୁଆ ବୁଂଟି ଡ ଛେ ଲାଗେ । ବୁଂଟି ବୁରଦା ଆରି ଣ୍ଡିଆ ଲାନେ ଜାଗା ନ୍ତୁକ ଲା ଡିଙ୍ଗ ଗେ । ଆତେନେରେ ରେମୁଆ ବୁଂଟି କେ ତୁର ନ୍ସ ପଂ ଆରେକେ । ବୁଂଟି ନେ ପାଦଞ୍ଚ ଚିନ୍ କେ କେ ଆଟ ଡାଗ୍ରା ଓ୍ୱେଛା ଆରକେ । ସେସା ଆଟ ଡାଗ୍ରା ବ୍ଲେଇଙ୍ଗ ଜାତିନେ ରେମୁଆ ଇନ୍ ଲା ଡିଙ୍ଗ ଆରଗେ । ସିଂଲାବାଇ ରେମୁଆ ଆଇଏନଜି ବୁଟିଂ କେ ଉଡି ଶେଷ୍ଟା ଡିଙ୍ଗଲା ଡିଙ୍ଗ ବୁଂଟି ମିଲେ ଆଡିଙ୍ଗ ଗେ ଏ । ପଛେ ଉତିନ ଇନ ନେ ରେମୁଆ ଆଇଏନଜି ଯବର ରେମୁଆ ଆଇଏନଜି ‘ାଙ୍ଗ ଛେ ଲ ଅରଗେ । ଦିରେ ଦିରେ ଆତ ଏ ଯବର ଇନି ଡିଙ୍ଗ କେ ।



ପ୍ରଥମେ ଅରିଙ୍ଗି ନାମରେ ଡିଡାୟୀ ଗ୍ରାମ ନ ଥିଲା । ଏହା ହେଉଛି ଦ୍ୱିତୀୟ ବାସସ୍ଥାନ । ପ୍ରଥମ ବସତି ଥିଲା ଜାନବାଇ ଓ ସିଂଙ୍ଗଲା ବାଇ । ଏହି ସ୍ଥାନରୁ ମଙ୍ଗଲା ନାମକ ଗୋଟିଏ ମଇଁଷି ପଳାଇ ଆସିଲା । ମଇଁଷିଟି କାଦୁଅ ଓ ପାଣି ଥିବା ସ୍ଥାନରେ ରହିଲା । ସେଠାକାର ଲୋକେ ମଇଁଷିକୁ ଖୋଜି ଆସିଲେ । ମଇଁଷି ପାଦଚିହ୍ନ ଦେଖି ଦେଖି ସେଠାରେ ପହଂଚିଲେ । ଆଗରୁ ସେଠାରେ ଡାଗ୍ରାବ୍ଲେଇଂ ଗୋଷ୍ଠୀର ଲୋକମାନେ ରହୁଥିଲେ । ସିଙ୍ଗଲା ବାଇର ଲୋକମାନେ ମଇଁଷିକୁ ଯେତେ ଚେଷ୍ଟା କଲେ ସୁଦ୍ଧା ମଇଁଷି ଗଲାନାହିଁ । ଶେଷରେ ସେହି ଗାଁରୁ ବହୁତ ଲୋକ ଆସି ଏଠାରେ ରହିଲେ । କ୍ରମେ ଜନବସତି ଗଢ଼ି ଉଠିଲା ।

ଦେତ ସୁଗା ଯବର ଦିନ ଲା ଲା କ୍ଲସର ମିନି ମୁଇଙ୍ଗ ଦଳ ରେମୁଆ ଆଇଏନଜି ରେମୁଆ ଆଇଏନଜି ତେ ମେଙ୍ଗ ତେ ଅଣବଗ ଡିଙ୍ଗ ଆରକେ । ଡିଡାୟି ଆଇଏନଜି ଯବର ସିଙ୍ଗଲାବାଇ ରଣି ଯବର ରେମୁଆ ଇମ୍‌ଗ ‘ାଙ୍ଗ ଆରକେ । ପଛେ ଦିରେ ଦିରେ ଆତେ ଡଡାୟୀ ନ୍ତେ ଉବଙ୍ଗଆ ରିଙ୍ଗିଆ ଛେ ଡିଡାୟୀ ଜିତେ ଆରକେ । ମେଙ୍ଗ ଆଇଇଙ୍ଗ ଆତନେ ଇନି ମେନା ରେମୁଆ କେ ବାଗୁଏ ବୁ ଆରକେ ଆରି ମାନେ ବାହା ଗୁହା ବି ଆରଗେ । ଉତିନେ ବାହା ନିଜେଣେ ଜନମ ତୁବା ନ୍ତୁକ ଲାକେ । ତେହେଲା ମା କେନେଣ୍ଡା କବାଟ ଆରକେ । ମାନେ କେନେଣ୍ଡା ବାବେକେ ମେଙ୍ଗଇଂଙ୍ଗ ନେ ଅଣ୍ଡା କେ ବାଗୁବେ ବ ଆରକେ, ଆନେଗ ଡିଗ ବାଗୁବେ ଆରଏ । ଆତରୁଣୀ ଉତିନ ଜାଗା ନ୍ତୁକ ସିଙ୍ଗଲା ବାଇ ଆରି ଜାଣ ବାଇ ମିନି ରଣି ପାଙ୍ଗଲା ନେ ରେମୁଆ ଆତୁଆ ବାସା ଡିଙ୍ଗ ଛେ ଲା ଆରଗେ ।



ଏମିତି ବହୁତ ଦିନ ରହୁ ରହୁ କ୍ଲଶରଏ ନାମକ ଏକ ଗୋଷ୍ଠୀର ଲୋକମାନଙ୍କ ସହିତ ଏମାନଙ୍କର ଗଣ୍ଡଗୋଳ ହେଲା । ଡିଡାୟୀ ମାନେ ସିଂଗ୍‌ଲା ବାଇରୁ ବହୁତ ସଂଖ୍ୟାରେ ଆସିଥିଲେ । କ୍ରମେ ଯୁଦ୍ଧରେ ଡିଡାୟୀ ମାନଙ୍କ ବିଜୟ ହେଲା ସେମାନେ ସେହି ଗାଁର ମୁଖିଆଙ୍କୁ ମାରି ଦେଲେ ଏବଂ ତା’ ମୁଣ୍ଡକୁ କାଟି ଦେଲେ । ସେ ମୁଣ୍ଡଟି ଆସି ନିଜ ଜନ୍ମ ମାଟିରେ ପହଂଚିଲା, ହେଲେ ତା’ ସ୍ତ୍ରୀ କବାଟ ଖୋଲିଲା ନାହିଁ । ତା’ ସ୍ତ୍ରୀ ଭାବିଲା, ସେମାନେ ତା’ ସ୍ୱାମୀଙ୍କୁ ମାରି ଦେଇଛନ୍ତି, ତାକୁ ମଧ୍ୟ ମାରିଦେବେ । ସେହି ଦିନଠାରୁ ସେହି ସ୍ଥାନରେ ସିଙ୍ଗଲା ବାଇ ଓ ଜାନ୍‌ବାଇ ସ୍ଥାନରୁ ଆସିଥିବା ଲୋକମାନେ ବାସ କରି ରହିଲେ ।

# କାନାକୁପଡ ଆରି ଙ୍କୁ ନେ ଉସ୍ରା (କଣା କୁଜା କଥା)

ମୁଇଙ୍ଗ ଦେଶ ୟାୟା କାଣା କୁପଡା ମେନେ ଇଆଙ୍ଗ ଡା ଆତେ ଲା ଡିଙ୍ଗ ଗେ । ଆରି ସ୍ଲେ ଛେ ବୁଆ ଡ଼ିଙ୍ଗ ଆରଗେ । ମେସା କିଆ ବିଗ ଆରକେ । ଲେଗାଲେଗା କିଆ ମାନାକେ, କିଆ ଡ଼ିଙ୍କେ କିଆ ଟୁଗ ତ୍ରାଡିଆ ଡ଼ିଙ୍କେ । କୁପଡା ବାସଙ୍କେ, କାଣା କିଆ ଉର ଓ୍ୱେଲା ଦୋ କାଣା କିଆ ଉର ସା ଲିଜ ଓ୍ୱେ କୋ ମେନେ ଞ୍ଚ ନ୍ତି ଟୁଗ କିଆ ସାରି ଲାଗେ କେ । ମେ ବାବେ କେ ଓ୍ୱେ କେନ କୁରନିକ ଫାଙ୍ଗ କ ଆରକେ । ଆତେନ ସା ମାନା ଡୁ ଆତେ କିଆ ସ୍ଲା ଇଙ୍କେ ବକେ । ଆରି କିଆ ସରତେ ଲ ଓ୍ୱେଗେ ।



ଗୋଟିଏ ଦେଶରେ ଦୁଇଭାଇ କଣା ଓ କୁଜା ଲୋକ, ସେମାନଙ୍କର ମାଆ ସହିତ ରହୁଥିଲେ ଏବଂ ଚାଷ କାମ କରି ଚଳୁଥିଲେ । ଥରେ ସେମାନେ ଧାନ ବୁଣିଥା'ନ୍ତି । ଧାନ ହେଲା, ଧିରେ ଧିରେ ଧାନ ଗଛ ବଡ଼ ହେଲା, ଧାନରେ କ୍ଷୀର ଆସିଲା । କୁଜା କହିଲା, "କଣା, ତୁ ଧାନ ଜଗିବାକୁ ଯାଆ ।" କଣା ଜମିକୁ ଗଲା ଧାନ ଜଗିବାକୁ । ତା'ର ଗୋଡ଼ ହାତରେ ଧାନଫୁଲ ଲାଗିଲା । ସେ ଭାବିଲା ଏତେ ଗୁଡ଼ାଏ ମଶା ଆସି ବସିଲେ । ସେଥିପାଇଁ ସେ ବଡ଼ ବାଡ଼ି ଧରି ଧାନକୁ ବାଡ଼ିରେ ବାଡ଼େଇ ଦେଲା ଏବଂ ଧାନ ଝଡ଼େଇ ଦେଲା ।

**ଉଙ୍ଗିବେଲା ଡିଙ୍ଗ କୁପଡ ଆତେ ଓ୍ୱେଚାକେ ଆରି ସିଲିୟା କୁକ କେ, କାଣା କିଆ ସ୍ଲୁ କେମେ ସା ଓ୍ୱେ କେନ ବାଗ ଚେ ଆଃ ଲ ନାବ, କିଆ ତେକ ଚାରଲେ । ଶ୍ଟୁ ରେ କୁପଡ କୁରନିକ କଲେଗେ । ଆତେନ ସା ମ୍ୱକେ କୁପଡ ବାସଙ୍କେ କିଆ ସରତେ ଆନାସେ ନାବିଗେ । ଆକେନ ବାସଙ୍ଗ ଚେ କାଣା କେ ବଗ କେ । ବମାୟା ଓ୍ୱିଙ୍ଗ ଆଃ ଆରକେ ଉଡି ବେଲା ବୁଂ ଆରକେ ବେଟେନ ବେଲା କିଆ ଗିଃ ଓ୍ୱେଗେ । କାଣା କୁପଡା କୁଦେଚେ କିଆ ଗୁଆ ଆରକେ । ଲେଡୁଙ୍ଗ ଚେ ଡ୍ଲିଙ୍ଗ ଦିଆ ରାଙ୍ଗ ଓ୍ୱେ ଆରକେ । ଲେ ଚେ ମୁଇଙ୍ଗ ଟୁଗ ଆଡିଙ୍ଗ ଆରକେ । ଅଲଗା ରେମୁଆ ଆତେ ଡୁଆ ଡୁଙ୍ଗ ବି ଆରକେ ।**



କିଛି ସମୟ ପରେ କୁଜା ସେଠି ପହଂଚି ପଚାରିଲା, କଣା, ଧାନ ଗଛକୁ କାହିଁକି ଏତେ ପିଟି ପକାଇଲୁ ଧାନ ଝଡ଼ିଗଲା ? "ନାଇଁରେ କୁଜା, ମଶା ବସିଥିଲା । ସେଥିପାଇଁ ମାରିଦେଲି ।" କୁଜା କହିଲା, ଧାନକୁ ତ ନଷ୍ଟ କରିଦେଲୁ । ଏହା କହି ସେ କଣାକୁ ମାରିଲା । ଦୁଇ ଭାଇଙ୍କର ଝଗଡ଼ା ହେଲା, ଯେତେବେଳେ ସେମାନେ ଶାନ୍ତ ପଡ଼ିଲେ ସେତେବେଳକୁ ଧାନ ପାଚି ଗଲାଣି । କଣା, କୁଜା ମିଶି ଧାନ କାଟିଲେ । ଭେଳା ବାନ୍ଧି ଖଳାକୁ ନେଲେ ଏବଂ ବେଙ୍ଗଳା ପକାଇବାକୁ ସ୍ଥିର କଲେ । ଅନ୍ୟ ଲୋକଙ୍କଠାରୁ ଗୋରୁ ଆଣିଲେ ।

ଡୁଆ କିନ୍ଦ୍ରେଚେ କିଆ କି ଆରକେ । କୁପଡ ଡୁଆ ଚଃ ଡିଙ୍ଗଗେ । ଓ୍ୱେଡେନ ବେଲା ଲୀମୁଆ ପାଙ୍କେ । ମେ କାଣା କେ ଓ୍ୱେ ଚେ ବାସଙ୍କେ ନାଙ୍ଗ ଇକୁଡା ଲେଗ ଏ । କାଣା କିଆ କିକ କାଲା ଅଃରେ କା ବାଗ ଡ଼ିଙ୍ଗ ଗେ ଦାଗ ଚେ କୁପଡ କେ ବକ କେ । ଅଃ ରେ ଲେଗ ଡ଼ିଙ୍ଗ । ଆମେ ʻାଙ୍ଗ ଚେ ଆତଡିଆ । କୁପଡା ତାଡିଆ ଚେ କେ କା ଯେ ଅଃ ରେ ଗୁଏ ଓ୍ୱେ ଲେ । ମେ ନାଡିଙ୍ଗ ଗେ ନା ଅଃ ରେ କେ ବାଗୁଏ ନାବି ଗେ । ଏ ବେ ମେ ନେଡିଙ୍ଗ । ମୁଇଙ୍ଗ ଜା ନେ ଅଃରେ ମେ ଆନେ କେ ଓ୍ୱିଙ୍ଗ ଏ ।



ଗୋରୁ ବୁଲାଇକରି ଧାନ ଝଡ଼ାଇ ଦେଲେ । କୁଜା ଗୋରୁ ଅଡ଼ାଉଥାଏ । ଏହି ସମୟରେ ତାକୁ ନିଦଆସିଲା । ସେ କଣାକୁ ଯାଇ କହିଲା, ତୁ ଅଡ଼ା, ମୁଁ ଟିକେ ଶୋଇବି । କଣା ଆସିଲା । ବେଙ୍ଗଳା ପକାଇଲା ବେଳେ ଗୋରୁଙ୍କୁ ମାରି ଦେଲା । କଣା ଯାଇ କୁଜାକୁ ଉଠାଇଲା, ଗୋରୁ ଶୋଇ ପଡ଼ିଲାଣି, ତାକୁ ଆସି ଉଠା । କୁଜା ଉଠି ଦେଖେ, ଗୋରୁ ମରିଯାଇଛି । କ'ଣ କଲୁ – ତୁ ଗୋରୁ ମାରିଦେଲୁ ! ଏବେ କ'ଣ କରିବା । ଅନ୍ୟ ଲୋକର ଗୋରୁ, ସେ ଆମକୁ ଗାଳି କରିବ ତ ।

ମିଡିଗ ବ ଅଃ ରେ କେ ଡୁଙ୍ଗ ଓ୍ୱେ ଚେ ବାରେ ଜକଲି ଆରକେ । କିଆ ଡୁଆ ରାଙ୍ଗ ବି ଆରକେ ଆରି ବୁଦ୍ଧି ପାଞ୍ଚେ ଆରକେ । ନିଜର ଇଆଙ୍ଗ ଦେକେ ବାଗିଏ ବି ଚେ ଅଃ ରେ ସାକାର ଆଇଏନଜି ଡୁଆ ନିମ୍ବ ସ୍ଲୁ ଟୁଗ ଆତୁଆ ବିକେ । ଉଡି ବେଲା ଅଃରେ ସାକାର ଞ୍ଜିର ତଡିଆ ଚେ କେ କେ ଆରି ଲିଗ ଚେ ବାସଙ୍କେ, ନାମେ ସା ନେଙ୍ଗ ନିମ ରୁଏ ନାଡିଙ୍ଗକେ ? ମା ତ ଗୁଏ ଲେ କେଣେ ଡକରି । ଆଲା ଲ ବେ ଗେ । ଓ୍ୱେ ତେନ ବେଲା କାଣା କୁପଡା ଓ୍ୱିର ‘ାଙ୍ଗ ଆରକେ ନା ନେ ଇୟାଙ୍ଗ ଙ୍କେ ମେ ସା ନାବକେ ଡାକ ଚେ ଓ୍ୱିଙ୍ଗଆଃ ରିଙ୍ଗଆଃ ଆରକେ ।



ରାତିରେ ଗୋରୁକୁ ନେଇ ସେମାନେ ବାହାରେ ଫୋପାଡ଼ି ଦେଲେ, ଧାନ ଘରକୁ ନେଇଗଲେ । ତା'ପରେ ଗୋଟିଏ ଉପାୟ ପାଞ୍ଚିଲେ । ନିଜର ବୁଢ଼ୀମାକୁ ମାରିଦେଇ ଗୋରୁ ମାଲିକ ଘରର ନିମ୍ବଗଛ ପାଖରେ ଠିଆ କରାଇଦେଲେ, ଯେତେବେଳେ ସକାଳୁ ଗୋରୁ ମାଲିକ ଉଠି ବୁଢ଼ୀକୁ ଦେଖିଲା, ତାକୁ ବାଡ଼େଇ କହିଲା, ତୁ କାହିଁକି ମୋ ନିମ୍ବ ତୋଳୁଛୁ ? ସେ ତ ମଲା ବୁଢ଼ୀ, ତଳେ ପଡ଼ିଗଲା । ସେତିକିବେଳେ କଣା ଓ କୁଜା ଦୌଡ଼ି ଦୌଡ଼ି ଆସିଲେ, ତୁ ଆମର ମା'କୁ କାହିଁକି ମାରିଲୁ ବୋଲି ତା ସହିତ ଝଗଡ଼ା କଲେ ।


ପିଲାଙ୍କ କଥା

ଆତେନ ସା ଅଃରେ ସାକାର ଆମେ ଇଙ୍କେ ଡାବୁ ବିକେ ଆରି ଥାନା ଓ୍ୱେ ଆରକେ । ଡାବୁ ଲେକନେ ଯାକ କାଣା ଆରି କୁପଡା ଟଙ୍ଗ ଉଗ ଆରକେ । ଡାବୁ ଡାଲା ବମାୟା ଯାକ ବିଦେଶ ତାର ଓ୍ୱେକେ । ବିଦେଶ ସିଲିୟା ଚେ ଟଙ୍ଗ ଆରକେ । ଓ୍ୱେ କାଲା ଗାଳିବା ମିଡିଗ ଓ୍ୱେ କେ । ଗାଳି ବ ମାନାନେ ବାର ସ୍ଲ ଅବା ଆରକେ । କାଣା ବାସ ନେ୍କ ଆକେ ନେ ଲେଗ । କୁପଡା ମନା ଡ଼ିଙ୍ଗ କେ ବୁଟମେଗ ଡଏ ସ୍ଲ ଆରାତ୍ରା ନେ ଲେଗ । ଡେକ ରକମ ବାବେଚେ ଆଲା ଲେଗ ଆରକେ । ମିଡିଗ ଆତ ଅଉ ଆରିଆ ଙ୍କୁ ପାଙ୍କେ ଆରି ଦାଗ ଡ଼ା ଓ୍ୱେ ଚେ କକେ ।



ତାଙ୍କ କଥାରେ ଗୋରୁ ମାଲିକ ତାଙ୍କୁ ପଇସା ଦେଲା ଏବଂ ଜେଲକୁ ଗଲା । ପଇସା ଥିବା ପର୍ଯ୍ୟନ୍ତ କଣା ଓ କୁଜା ଭଲରେ ଚଳିଲେ । ଟଙ୍କା ସରିଯିବାରୁ ଦୁଇଭାଇ ବିଦେଶ ବାହାରିଗଲେ । ବିଦେଶରେ ମାଗିକରି ଚଳିଲେ । ଯିବାବେଳେ ବାଟରେ ରାତି ହୋଇଗଲା । ବାଟରେ ଗୋଟିଏ ବଡ଼ ବରଗଛ ପଡ଼ିଲା । କଣା କହିଲା, ଗଛ ମୂଳରେ ଶୋଇବା । କୁଜା ମନା କଲା, ଡ଼ର ଲାଗିବ, ଗଛ ଉପରେ ଶୋଇବା । ଏହିପରି ଚିନ୍ତା କରି ଦୁଇଭାଇ ଗଛ ଉପରେ ଶୋଇଲେ । ରାତିରେ ବାଘ ସେଠାରେ ପହଂଚିଲା ଏବଂ ଗଛ ମୂଳରେ ଯାଇ ବସିଲା ।

**କୁପଡ ଙ୍କୁ କେ କେଚେ କାଣା କେ ଆ ତଡି ଆକେ । ଏ କାନା ଙ୍କୁ ପାଙ୍କେ । କାଣା ବାସଙ୍କେ ଙ୍କୁ ମେ ଡ଼ିଙ୍ଗ ଏ ? କୁପଡା ମାତର ଙ୍କୁ କେ କେ ଚେ ଇରିୟା ଟୁକ କେ କାଣା ଦାଗରା ଓ୍ୱେ ଚେ ବାସଙ୍କେ ଆନେଙ୍ଗ ବୁଟ ମେଗ ଡ ଡ଼ିଙ୍ଗ । ଙ୍କୁ କେ ସା । ଇଡିଙ୍ଗ ଙ୍କୁ ଆମେଇଙ୍କେ ବୁଟତେ କଣ୍ଡା ଲ୍ଲାଗ ଡକେ । ଞିର ଡ଼ିଙ୍ଗ ଲା ମେ ଆଇଏନଜି ଆରୀ ମୁଇଙ୍ଗ ଇନି ଓ୍ୱେ ଆରକେ ଗାଲିବା ଏମଆଇଡ଼ିଆଇଗ ଓ୍ୱେ କେ । କଣ୍ଡା ବିରି ମେଇଙ୍ଗ ମାନା ନେ ଗାଆ ସ୍ଲ କେ ଆର କେ କେ ଆରି ଆଟ ବିତେରେ ଗା ଆରକେ । ଆତେ ଲେଗ ଆରକେ । ଆତ ଡିଗ ଆରି ମୁଇଙ୍ଗ ଙ୍କୁ ଆମେଇଙ୍କେ ଚଙ୍ଗ ସା ଓ୍ୱେ କେ ।**



କୁଜା ବାଘକୁ ଦେଖିକରି କଣାକୁ ଉଠାଇଲା, ଏ କଣା, ବାଘ ଆଇଲା । କଣା କହିଲା, ବାଘ କଣ କରିବ ? କୁଜା କିନ୍ତୁ ବାଘକୁ ଦେଖି ଥରିଗଲା । କଣା ପାଖକୁ ଯାଇ କହିଲା ମୋତେ ଭୟ ଲାଗୁଛି । ବାଘକୁ ଧର । ତା ପରେ ବାଘ ସେମାନଙ୍କୁ ଭୟ କରି ଜଙ୍ଗଲକୁ ପଳାଇଗଲା । ସକାଳ ହେବାରୁ ସେମାନେ ଆଉ ଗୋଟିଏ ଜାଗାକୁ ଗଲେ । ବାଟରେ ରାତି ହୋଇଗଲା । ବଣ ପଡ଼ିଲା, ସେମାନେ ସେଠି ବଡ଼ ବାଉଁଶ ବୁଦାଟିଏ ଦେଖି ତା ଭିତରେ ପଶିଗଲେ । ସେଠି ଶୋଇଲେ । ସେଠାକୁ ମଧ୍ୟ ଆଉ ଗୋଟିଏ ବାଘ ତାଙ୍କୁ ଖାଇବା ପାଇଁ ଗଲା ।

ପିଲାଙ୍କ କଥା

**ଙ୍କୁ ବାସଙ୍କେ ଯାଣ୍ଡେ ଗାଆ ସ୍ଲା ବିତରେ ପେଲାକେ । ଆପେ ଏ କେ ଞ୍ଚ ଏ ? କୁପଡା ବାସଙ୍କେ ସତେ ଲେ ଙ୍କୁ ନା ଆନେଙ୍ଗ ନା ଚଙ୍ଗ ଏ ? ନା ଗାଗଡେ ଲିଗ ମ୍ଭିଏ । ଙ୍କୁ ଡି ଗାଆ ସ୍ଲା ବିତରେ ଗାକେ କାଣା ପ୍ଲାଡେ କେ ସା କେ । ଙ୍କୁ ରେ ପୁଆ କେ । ମେନେ ପ୍ଲା ତେକଚି ଓ୍ୱେ କେ । ଙ୍କୁ ବୁଟ ଚେ କଣ୍ଡା ଲାଗ ଡ ଗେ । ଞ୍ଜିର ବମାୟା ଆର ମୁଇୟଙ୍ଗ ଇନି ତାର ଆରକେ । ଆରି ମୁଇଙ୍ଗ ତର ଡିଗ ଓ୍ୱେ କାଲା କଣ୍ଡା ଅବା ଆରକୀ । ଆତ ଅରିଆ ମୁଇଙ୍ଗ ବାର ସ୍ଲା ଆଲା ସବା ଡ଼ିଙ୍ଗ ଡ଼ିଙ୍ଗ ଗେ । ଙ୍କୁ ରାଜା ଦାଗରା ସରତେ ରେ ସରେଟେ ସାମୁଆ ବାସଙ୍ଗ ଆରଏ ।**



ବାଘ କହିଲା, କିଏ ବାଉଁଶ ଭିତରେ ଅଛ, ତମକୁ ଆଜି ଖାଇବି । କୁଜା କହିଲା, ସତେକି ବାଘ ତୁ ଖାଇବୁ ମତେ ? ତୋ ଦେହକୁ ମୁଁ ଛୁଇଁଦେବି । ବାଘ ବାଉଁଶ ଗଛ ଭିତରେ ଯେମିତି ପଶିଛି, କଣା ବାଘର ଲାଞ୍ଜକୁ ଧରିଲା । ବାଘ ହଡ଼ବଡ଼େଇ ଗଲା । ଏବଂ ତାର ଲାଞ୍ଜ ଛିଡ଼ିଗଲା । ବାଘ ଭୟରେ ଜଙ୍ଗଲ ଭିତରକୁ ପଳାଇଲା । ସକାଳ ହେଲା ଦୁଇଭାଇ ଅନ୍ୟ ଗାଁକୁ ବାହାରିଲେ, ଏଥର ବି ଯିବା ବାଟରେ ଜଙ୍ଗଲ ପଡ଼ିଲା । ଗୋଟିଏ ବରଗଛ ମୂଳରେ ବାଘସଭା ହେଉଥାଏ । ରାଜା ବାଘ ପାଖରେ ସମସ୍ତେ ସମସ୍ତଙ୍କର କଥା କହିବେ,

**ଜା ଉଡି ଗୋ ପେବା କାଣା ଆରି କୁପଡା ଆତେନ ସ୍ଲ ଆରାତ୍ରା କାଲେ ଆରଗେ । ଙ୍କୁ ଇଙ୍ଗ ନେ ବାନାଳୀ ଅ ଆରକେ । ରାଜା ଙ୍କୁ ବାର ସ୍ଲ ଆଲା କକେ । ଓ୍ୱେ ତେନ ବେଲା ସାପାଙ୍କୁ ଇଙ୍ଗ ରିସିଙ୍ଗ ଆରକେ । ରାଜା ଙ୍କୁ ସିଲିୟା କୁକ କେ ଯାଣ୍ଡେ ଉଡି ପେ ଗୋ କେ । ସରତେ ଜା ଉଡି ଗୋ ଆରକେ ସରତେ ବାସଙ୍ଗ ଆରକେ । ଇଙ୍ଗଜା ମୁଇଙ୍ଗଜା ଙ୍କୁ ରାଜା କେ ଡାବୁ ରାଶିଙ୍ଗ ବିକେ । ଉଡି ଓ୍ୱେ କେଣେ ପଛେ ଆତେନେ ଙ୍କୁ ପାଙ୍କେ ପ୍ଲଡେ ତେକ ଛି ଓ୍ୱେ ଲାଗେ । ମେନେ ପ୍ଲଡେ ଆକେ ଆରକେ ଆରି ସିଲିୟା କୁକ କେ ।**



କିଏ କେତେ ଶିକାର କରିଛି । କଣା ଓ କୁଜା ସେଇ ଗଛ ଉପରେ ଚଢ଼ି ବସିଥାନ୍ତି । ବାଘ ମାନଙ୍କର କଥା ସେମାନେ ଶୁଣିପାରିଲେ । ରାଜା ବାଘ ବରଗଛ ମୂଳରେ ବସିଲା । ସେତେବେଳେ ସବୁ ବାଘ ଜମା ହେଲେ, ରାଜା ବାଘ ପଚାରିଲା, କିଏ କେତେଟା ଶିକାର କଲ ? ଯିଏ ଯେତେ ଶିକାର କରିଛି, କହିଲେ । ଜଣେ ଜଣେ ରାଜା ବାଘ ପାଖରେ ଟଙ୍କା ଜମା କଲେ । କିଛି ସମୟ ପରେ ସେହି ବାଘଟି ଆସିଲା, ଯାହା ଲାଞ୍ଜ ଛିଡ଼ି ଯାଇଥିଲା । ତା'ର ଲାଞ୍ଜ ନ ଦେଖି ସମସ୍ତେ ପଚାରିଲେ ।

ପିଲାଙ୍କ କଥା

ମେ ବାସଙ୍ଗ ଙ୍କେ ମ୍ବାକିଲି ରେମୁଆ ସାଛେ ଡକେନେ ବେଲା ମେଇଙ୍ଗ ମ୍ବାୟା ନେଙ୍ଗ ନେ ପ୍ଲୁ ସା ଟେ ଆଃ ତେକ ଛି ଆରକେ । ଆମୀକେ ଅଜାର ତୁଆ ସିଲିୟା ଆରକେ । ମେଇଙ୍ଗ ବାଲିର ବାଟା କାଲା କାଣା ସ୍ଲୁ ଆଦା ପୁଏ ଲାକେ । କୁପଡା ବାସଙ୍କେ ସାଃ ଆତେନ ଙ୍କୁ କେ । ରାଜାଙ୍କୁ ଇରିୟା ତୁଗ ଟେ ଡାବୁ ଆନତାର ଟେ ଲାଗଡା କେ । କାଣା କୁପଡ ଶାପା ଡାବୁ ସାଛେ ଇନି ଓ୍ୱେ ଟା ଆରକେ । ଆତ ଆରିଆ ଲିଜ ବିରି ବିଇଆର ଟେ ସାରଦାରୀ ଲା ଆରଗେ ।



ସେ କହିଲା, ଦୁଇଟି ଲୋକଙ୍କୁ ଧରି ଖାଇବି ବୋଲି ଯିବା ବେଳକୁ ସେ ଦୁଇ ଜଣ ମୋ ଲାଞ୍ଜ ଭିଡ଼ି ଛିଣ୍ଡାଇ ଦେଲେ । ତାକୁ ହଜାରେ ଟଙ୍କା ଜୋରିମାନା କରାଗଲା । ସେମାନେ ଆଲୋଚନା କରୁଥିବାବେଳେ, କଣା ଗଛ ଉପରୁ ହଠାତ୍ ଡ଼େଇଁ ପଡ଼ିଲା । କୁଜା କହିଲା ଧର ସେ ବାଘକୁ । ରାଜା ବାଘ ଚମକି ପଡ଼ି ଟଙ୍କା ଛାଡ଼ିକରି ପଳାଇଗଲା । କଣା କୁଜା ସବୁତକ ଟଙ୍କା ଧରି ଗୋଟିଏ ଗାଁରେ ଯାଇ ରହିଲେ । ସେଠାରେ ଜମି ବାଡ଼ି କିଣି ଆରାମରେ ଜୀବନ ବିତାଇଲେ ।

# ନାକା ଆରି ଡକରିନେ ଉସ୍ରା (ବିଲୁଆ ଓ ବୁଢ଼ୀ କଥା)

ମୁଇଁଙ୍ଗ୍ ହିନି ନ୍ତୁର୍ ଡକରା ଡକରି ଲାଏଗେ । ଆତେନେ ଇନିନେ ମୁଇଁଙ୍ଗ ଡୁଗ୍ଡି ଅରିଆ ଜନା ଉଙ୍ଗ୍‌ବଗେ । ଆତ୍ ଅରିଆ ନାକା କାଳାଆ ଜନା ଛଙ୍ଗଛେ ଲାଗ୍ଡ ମିଆକେ । ଜନା ଡା ଡିଙ୍ଗ୍ କ୍ନେ ଡକରା ମିଆଁ ଆଡିଙ୍ଗ୍ ଗେ ଣ୍ଡୁ । ମେସୁଆ ଲିଜ ପାକା ଅଲେଙ୍ଗସାର୍ ରୁକମ୍ ଓ୍ୱେଆର୍ କେ ଜନା ଯା ଛଙ୍ଗ୍ ଡିଙ୍ଗ୍‌କେଡାଗ୍‌ଛେ । ଆତେନ ଇଂସା ଡକରା ବୃଦ୍ଧି ପାଞ୍ଚେକେ । ଡୁଆ ଓ୍ୱିକ୍ ଛେ ଡକରି କେ ବାସଙ୍ଗ କେ । ନା ନାନେ ଉଲେ ମାଁ ସାଛେ ଜନା ଉର୍ ଓ୍ୱେଲା । ଡକରି ମେନେ ଉଲେ ମାଁ ସାଃ ଛେ ଜନା ଉର୍ ଓ୍ୱେକେ । ଆତ୍ ତେ ଓ୍ୱେଟାଛେ ତାନା ଆଲ କଲେଗେ । ଓ୍ୱେତେନ ବେଲା ନାକା ରେମୁଆ ରୁକମ୍ ଡିଙ୍ଗ୍‌ଛେ ଡକରି ଡାଗ୍ରା ଓ୍ୱେକେ ଆରି ବାସଙ୍କେ ରେ ଡକରି । ଡକରି ବାସଙ୍ଗ୍ କେ ମେଁ ଡିଙ୍ଗ୍ ଗେ ବାବୁ ? ଓ୍ୱେଲା ଜନା ମୁଇଙ୍ଗ୍ ଆର୍‌ଲା । ଡକରି ମାତର୍ ଣ୍ଡୁ ଡାକେ ।



ଗୋଟିଏ ଗାଁର ବୁଢ଼ାଟିଏ ବୁଢ଼ୀଟିଏ ଥିଲେ । ତାଙ୍କ ବାଡ଼ିରେ ବୁଢ଼ା ମକା ଲଗାଇଥିଲା । ତେବେ ବିଲୁଆ ସବୁବେଳେ ଆସି ମକା ଖାଇଯାଉଥିଲା । ମକା ସବୁ ସରିଯାଉଥିବାର ଦେଖି ବୁଢ଼ା ବୁଝି ପାରୁନଥିଲା । ଥରେ ବିଲ ପଟେ ବୁଲିବାକୁ ଆସି ଦେଖିଲା ମକା ସବୁ କିଏ ଖାଉଛି । ତେଣୁ ବୁଢ଼ା ଗୋଟେ କାମ କରିବାକୁ ଭାବିଲା । ଘରକୁ ଫେରି ବୁଢ଼ୀକୁ କହିଲା, ତୁ ତୋର ଭାତ ତରକାରି ଧରି ମକା ଜଗିବାକୁ ଯାଆ । ବୁଢ଼ୀଟି ନିଜର ଖାଇବା ଜିନିଷ ଧରି ମକାବାଡିକୁ ଗଲା । ସେଠାରେ ପହଞ୍ଚି ମଞ୍ଚା ତଳେ ବସିଥିଲା । ସେତେବେଳେ ହଠାତ୍ ବିଲୁଆ ମଣିଷ ରୂପ ଧରି ବୁଢ଼ୀ ପାଖକୁ ଆସିଲା ଓ ବୁଢ଼ୀକୁ କହିଲା, ଲୋ ବୁଢ଼ୀ ! ବୁଢ଼ୀ କହିଲା କ'ଣରେ ବାବୁ ? ଯା' ମକା ଗୋଟିଏ ଆଣିବୁ । କିନ୍ତୁ ବୁଢ଼ୀ ମନା କରିଲା ।

**ଡକରା ୱିଙ୍ଗଏ । ମାତର ନାକା ଡକରି ନେ ସାମୁଆ ଆଶାକେ ଣ୍ଟୁ । ମେ ବାସଂକେ, ଆଣ୍ଡିନେ ଡକରା ୱିଙ୍ଏ । ଦେଓ୍ୱେଲା ନେଙ୍ ବାସଙ୍ ଣ୍ଡିଙ୍ ଜନା ଆର୍‌ଲା । ଡକରି ନାକାନେ ସାମୁଆ ସା ଛେ ଜନା ଲାକା ଓ୍ୱେକେ । ନାକା ବାସଙ୍ କେ ଆନେଙ୍ଗ ଉଲେ, ଜନା ଆଃଚଙ୍ଗ ବିଲା । ଡକରି ନାକାନେ ସାମୁଆ ସା ଛେ ଆଚଙ୍ଗ ବିକେ । ନାକା ଚଙ୍ ଆଡା ଛେ ଲାଗ୍‌ଡ କେ । ଦେଖ୍ ରକମ୍ କାଲାଆ ଚଙ୍ ଢ଼ିଙ୍ ଗେ । ଆଡେନ୍ ଇଂସା ଲେଗା ଲେଗା ଉନସ୍ୱାର ଓ୍ୱେକେ । ମେସ୍ୱା ଡକରା ଡକରି ଲିଜ ପାକା ଅଲେଙ୍ଗସାର ରୁକମ୍ ଓ୍ୱେ ଆର୍ କେ । ଡକରା ଡକରି କେ ସିଲିଆ କୁକ୍‌କେ ନାଃନେ ଗାଗ୍‌ଡେମେଁ ଇନସା ଉନସ୍ୱାରିଆ ଓ୍ୱେଲେ । ଡକରି ବାଃ ଲିର୍ କେ, ଯେ ମୁଇଙ୍ ନାକା ରେମୁଆ ରୁକମ୍ ରୁପ୍ ସାଚେ ନେଙ୍ ତୁକ୍ ପାଙ୍ ମିଆକେ ।**



କହିଲା,  ବୁଢ଼ା ଗାଳି ଦେବ । କିନ୍ତୁ ବିଲୁଆ ବୁଢ଼ୀର କଥା ମାନିଲା ନାହିଁ । ସେ କହିଲା, କେଉଁ ବୁଢ଼ା ତୋତେ ଗାଳି କରିବ । ଯାଆ ମୁଁ କହୁଛି ମକା ଆଣିବୁ । ବୁଢ଼ୀ ବିଲୁଆର କଥା ଶୁଣି ମକା ଆଣିବାକୁ ଗଲା । ବିଲୁଆ କହିଲା, ମୋତେ ଭାତ ଓ ମକା ଖୁଆଇଦେ । ବୁଢ଼ୀ ବିଲୁଆର କଥା ମାନି ଖୁଆଇ ଦେଲା । ବିଲୁଆ ଖାଇସାରି ପଳାଇଗଲା । ଏଣିକି, ଏପରି ସବୁବେଳେ କରିବାକୁ ଲାଗିଲା । ତେଣୁ ଧିରେ ଧିରେ ବୁଢ଼ୀ ନ ଖାଇ ଶୁଖି ଯିବାକୁ ଲାଗିଲା । ଥରେ, ବୁଢ଼ା ବୁଢ଼ୀ ପାଖକୁ ବୁଲିବାକୁ ବାଡ଼ିକୁ ଆସିଲା ଏବଂ ବୁଢ଼ୀକୁ ଦେଖିଲା ଏବଂ ପଚାରିଲା, ତୋ'ର ଦେହ କାହିଁକି ଏମିତି ଦୁର୍ବଳ ହେଲାଣି । ବୁଢ଼ୀ ଉତ୍ତର ଦେଲା, ଗୋଟିଏ ବିଲୁଆ ମଣିଷ ରୂପ ଧରି ମୋ ପାଖକୁ ଆସେ ।

**ମେ ବାଃଲିର୍‌ଏ ଦେ’ ଜନା ମୁଇଙ୍ଗ୍ ପାକ୍‌ଚି ଆରଲା । ଆରି ସିର୍‌ଛେ ଆଛଙ୍ଗ୍ ବି ଇଂସା ବାସଙ୍ଗ୍ କେ । ଆରି ନେଙ୍ଗ୍‌ନେ ଉଲେ ଣ୍ଡିଗ୍ ଶିଲିଆ ଟଙ୍ଗ୍ ମିଆକେ । ଡକରା ସର୍‌ତେ ହଂକେ ଆରି ମୁଇଙ୍ଗ୍ ବୃଦ୍ଧି ପାଓ୍ୱେକେ । ଡକରା ଣ୍ଡୁଲା ଆଗେ୍ୟଣ୍ଡୁ ମୁଇଙ୍ଗ୍ ଥର ଡକରା ରିଶା ଡିଙ୍ଗ୍‌ଛେ ମେଁ ପାଶୀ ବଗେ । ନାକା ଦେତୁଆ ଦିନ୍‌କେ ଡକରି ନେ ଉଲେ ମାଁ ଟଙ୍ଗ୍ ଛେ ଲାଗଡ଼୍ ମିଆଁ କେ । ଲାଗ ଡ କ୍ଳେ କାଲା ପାଷ ନ୍ତୁର୍ ଗା ଓ୍ୱେଗେ ଆତ୍‌ତେ ରେ ପୁଆ ଛେ ଲେଏଗେ । ଡକରା ପାଙ୍ଗ୍‌କେ ଆରି ଖେ ଛେ । ଡକରା ଓ୍ୱେଛେ ଇନିନେ ରେମୁଆ ଇଙ୍ଗ୍‌କେ ଓ୍ୱାରାଙ୍ଗ୍ ପାଙ୍ଗ୍ ଆରକେ ଆରି ବାସଂକେ, ଆକମେକେ ବାଗେ୍ୟପା ।**



ସେ କହେ ଯା’ ମକା ଗୋଟିଏ ଭାଙ୍ଗି ଆଣିବୁ । ଏବଂ ପୋଡ଼ି କରି ପୁଣି ଖୁଆଇ ଦେବାକୁ ବରାଦକରେ । ପୁଣି ମୋର ଭାତ ମଧ୍ ମାଗି କରି ଖାଏ । ବୁଢ଼ା ସବୁ ଶୁଣିଲା ଏବଂ ଭାବିଲା କ’ଣ ଗୋଟେ ଉପାୟ କରିବାକୁ ହେବ, ନହେଲେ ଏହି ବିଲୁଆ ମରିବ ନାହିଁ । ଥରେ ବୁଢ଼ା ରାଗିଯାଇ ଗୋଟିଏ ଫାଶ ବସାଇଲା । ବିଲୁଆ ସେମିତି ରୂପରେ ଆସି ବୁଢ଼ୀକୁ ମକା ଓ ଭାତ ତରକାରୀ ମାଗି ଖାଇ ପଳାଇ ଯାଉଥିଲା । ସେଦିନ ପଳାଇବା ସମୟରେ ହିଁ ଫାଶରେ ପଡ଼ିଗଲା । ସେଠାରେ ଛଟପଟ ହେଲା । ବୁଢ଼ା ଆସିଲା ଏବଂ ଦେଖିଲା, ବିଲୁଆ ପଡ଼ି ରହିଛି । ବୁଢ଼ା ଯାଇ ଗାଁ ଲୋକ ମାନଙ୍କୁ ଡାକି ଆଣିଲା ଏବଂ କହିଲା, ଏହାକୁ ମାରିଦେବି ।

ନାକା ଚତୁର୍ ଡିଙ୍ଛେ ମୁଇଙ୍ ବୃଦ୍ଧି ପାଞ୍ଚେକେ । ଆମୋଇଂକେ ବାଲିର୍କେ ପେ ସର୍ତେ ମ୍ନା ମ୍ନା ରେମୁଆ ପେକେ କେ, ଡାଆଁ ଡାଆଁ ରେମୁଆ ରଂଙତ ଆକେ ଆର୍କେ । ରେମୁଆ ଇଙ ସତ୍ ଆ ଡାକ୍ଛେ ମେଇଙ୍ ନାକା ନେ ସାମୁଆ ସା ଛେ ନାକା କେ ଇନି ଭିତରେ ଡୃଙ୍ ଓ୍ୱିକ୍ ଆର୍କେ । ଆରି ମୁଇଙ୍ ଗୁବୁର୍ ସାଲାବୁର୍ ନ୍ତୁର୍ ଗାଗ୍ଛେ ବଃ ଆର୍କେ । ଆତ୍ ଅରିୟା ମ୍ନାନେ ଗୁବୁର୍ ମୁଇଙ୍ ଲେଏଗେ । ମିଡିଗ୍ ଓ୍ୱେକେ । ରେମୁଆ ଇଙ୍ ଯାଆ ନେ ମେ ଡୁଆ ଓ୍ୱିକ୍ ଆରକେ ମିଡିଗ୍ ନାକା ଗୁବୁଗ୍କେ ବାଗ୍ୟେ ଚଂକ୍କେ । ଆତେନ୍ ମିଡିଙ୍କୁ ଆଲେଙ୍ ଡିଙେ । ମେ ଗୁବୁର୍ ସାଲାବୁର୍ ଓ୍ୱେଛେ ଇଲାଙ୍ ଇଲାଙ୍ ଖେ ଡିଙେ । ଙ୍କୁ କେ ଖେ ଛେ ନାକା ବାଲିର କେ । ମାମା, ମେଁ ଇଂସା ଓ୍ୱେକେନେ ମିଡିଗ୍ ଅଲେଙ୍ ନାଡିଗ୍ ।



କିନ୍ତୁ ବିଲୁଆ ଚତୁର । ସେ ଗୋଟିଏ ଉପାୟ ପାଂଚିଲା ଏବଂ କହିବାକୁ ଲାଗିଲା ତୁମେ ସବୁ ବଡ଼ ବଡ଼ ଲୋକମାନେ ସିନା ମୋତେ ଦେଖିଲ, ମାତ୍ର ଛୋଟ ଛୋଟ ପିଲାମାନେ ତ ଦେଖିନାହାଁନ୍ତି । ଲୋକମାନେ ସତ ବୋଲି ଭାବିଲେ । ସେମାନେ ବିଲୁଆ କଥା ମାନି ତା'କୁ ଗାଁକୁ ନେଇଗଲେ ଏବଂ ଗୋଟିଏ ଘୁଷୁରି କୁଡ଼ିଆରେ ବାନ୍ଧି ରଖିଲେ । ସେଠାରେ ଗୋଟିଏ ବଡ଼ ଘୁଷୁରି ଥିଲା । ରାତି ହେଲା । ଲୋକମାନେ ନିଜ ନିଜ ଘରକୁ ଶୋଇବାକୁ ଗଲେ । ରାତି ଅଧରେ ବିଲୁଆ ଘୁଷୁରିକୁ ମାରି ଖାଇଲା । ସେହି ସମୟରେ ରାତି ଅଧରେ ବାଘ ବୁଲୁଥିଲା । ସେ ଘୁଷୁରି କୁଡ଼ିଆ ପାଖରେ ଯାଇ ସବୁ ଦେଖିପାରିଲା । ବାଘକୁ ଦେଖି ବିଲୁଆ କହିଲା, ମାମୁଁ ତୁ କ'ଣ ଏମିତି ରାତି ଅଧରେ ବୁଲୁଛୁ ? ଏହି କବାଟ ଖୋଲି ଭିତରକୁ ଆ ।

**ନାକାନେ ସାମୁଆ ସା'ଚେ ଉର୍ଣ୍ଣସାଁ ରୋ ଛେ ଭିତ୍‌ରେ ଗାଳେ । ନାକା ଙ୍କୁ କେ ବାଲିର୍ କେ ମାମା ଜବର ଡଝାଡ଼ା ଡ ଡିଙ୍ । ଙ୍କୁ ଉର୍ଣ୍ଣସାଁ ରୋ ବିକେ । ବାହାରେ ଆର୍‌କେ ଆରି ଟେସା ଟେସା ଗାଗ୍ କ୍ନେ ବେଲା । ଙ୍କୁ ବାଲିର୍ କେ ବାନଓ୍ୱ ନା ମେଁଇସା ଦେଖ୍ କେ ଗାଗ୍ ନାଡିଙ୍ । ଯ୍ୟା ଓ୍ୱେଛେ ନାପାଙ୍ ହେ । ମିଡିଗ୍ ଓ୍ୱେକେ ଓ ଇଂଜିର ପାଙ୍କେ । ଇନିନେ ରେ ମୁଇଙ୍ ପାଙ୍କେ । ଖେ ଆରକେ ଯେ ନାକା ଣ୍ଡୁ । ଏକେନେ ମେରେ ଙ୍କୁ ରକମ୍ ତ୍ନା ଡିଙ୍ । ରେମୁଆ ଇଙ୍ କବାଟ୍‌କେ ରୋ କ୍ନେ ବେଲା ଙ୍କୁ ବାହାରେ ଆର୍ କେ ଆରି ରେମୁଆ ଇଂକି ଇଗୁଆର୍ ଛେ ଡକେ । ଆତେନ୍ ଇଡିଙ୍ ମେଏନେ ବାନଓ୍ୱକେ ତୁର ଓ୍ୱେକେ । ମେଁ ତୁର୍ ତୁର୍ ମେ ଡାଗ୍‌ରା ଓ୍ୱେକେ । ନାକା ଡଳି ବୁଲୁଡିଙ୍‌ଚୋ । ଙ୍କୁ ଡାଗ୍ରା ଓ୍ୱେଛେ ବାସଂକେ ରେ ବାନଓ୍ୱ ଆନା ନେଙ୍ ଇଂଚଙ୍ଗଏଁ ।**




ବାଘ ବିଲୁଆ କଥା ମାନି କବାଟ ଖୋଲି ଭିତରକୁ ଗଲା । ବିଲୁଆ ବାଘକୁ କହିଲା, ମାମୁଁ ମୋତେ ଜୋରରେ ଝାଡ଼ା ଲାଗୁଛି । ବାଘ ତାକୁ ଖୋଲିଦେଲା । ବିଲୁଆ ବାହାରକୁ ଆସି ଗେଟ୍‌କୁ ଭଲଭାବରେ ବାନ୍ଧିଲା ବେଳେ ବାଘ ପଚାରିଲା ଭଣଜା ତୁ କାହିଁକି ଏମିତି ବାନ୍ଧୁଛୁ, ଶୀଘ୍ର ଯାଇ ଆସିବୁ । ରାତି ପାହିଲା, ସକାଳ ହେଲା । ଗାଁର ଲୋକମାନେ ଆସିଲେ । ଦେଖିଲେ ବିଲୁଆ ନାହିଁ । ଏହା ଭିତରେ ଗୋଟିଏ ବାଘ ପରି କ'ଣ ଦେଖାଯାଉଛି । ସେମାନେ ଗେଟ୍‌କୁ ଫିଟାଇଦେବା ସମୟରେ, ବାଘ ବାହାରକୁ ଆସି ଲୋକମାନଙ୍କୁ ଆକ୍ରମଣ କଲା । ତା'ପରେ ବିଲୁଆ ଭଣଜାକୁ ଖୋଜିବାକୁ ଲାଗିଲା । ସେ ଖୋଜି ଖୋଜି ତା' ପାଖକୁ ଗଲା । ବିଲୁଆ ଦୋଳି ଖେଳୁଥିଲା । ବାଘ ପାଖକୁ ଯାଇ କହିଲା, ରେ ଭଣଜା ତୋତେ ଆଜି ଖାଇବି,

ନାକା ବାସଂକେ ମେରେ ମାମା ଆନେଙ୍ଗ ନାଙ୍ଗେଏ ? ଖେଲା ନେଙ୍ଗ୍ ମେଁ ଡିଙ୍ଗ୍ ଡିଙ୍ଗ୍ । ନେଙ୍ଗ୍ ଡଲି ସ୍କୁଲୁ ଡିଙ୍ଗ୍ । ଙ୍କୁ ବାସଂକେ ଆନେଙ୍ଗ୍ ଆରି ବିଲା ନେଙ୍ଗ୍ ଆରି ସ୍କୁଲୁ ହେ । ଣ୍ଡୁ ମାମୁ, ନା ନାଃକଲା ଡଲି ମାକ୍‌ତି ଓ୍ୱେଏ । ଆତେନ୍‌ସା ନେଙ୍ଗ୍ ସ୍ଲା ଆରାତାରା ଡ଼େ ଛେ ନିମାଣ୍ଡା ଗାମ୍ ମ୍ଲି ଏଁ । ନାକା ସ୍ଲା ଆରାତ୍‌ତାରା ଡ଼େ ଛେ ସର୍‌ତେ ମେଏଁ କେ ତେଗ୍‌ଛି ବିଛେ ସରା ଆଓରିଆ ବଗେ । ଙ୍କୁ ଡଲି ନ୍ତୁଗ୍ କ ଛେ ଓ୍ୱେ ଡିଂନକ୍ନେ ବେଲା । ମେଏଁ ସରତେ ଡେଗ୍‌ଛି ଓ୍ୱେକେ । ଙ୍କୁ ଆଲ ଲଛେ କଣ୍ଡା କାବରା ଡିଙ୍ଗ୍ ଓ୍ୱେଗେ । ଙ୍କୁ ତଡ଼ିଆ କ୍ନେ ବେଲା ନାକା ଆରି ଆତ୍‌ତେ ଆଲେଗେ ଣ୍ଡୁ । ଙ୍କୁ ଆରି ନାକା କେ ତୁର୍ ଇଂସା ଓ୍ୱେକେ । ମେଁ ନିଜ୍‌କେ ନିଜ୍‌କେ ବାସଂକେ ଯେ ଆନାକେ ଆରି ନା ଆନ୍ତାର୍ ଣ୍ଡୁ । ତୁର୍ ତୁର୍ ମୁଇଙ୍ଗ୍ ଯାଗା ନ୍ତୁଗ୍ ଅବାକେ । ଆତ୍ ତେ ମେ ଡଲି ଦୁଲୁ ଡିଙ୍ଗେ ଙ୍କୁ ଲେଗା ଲେଗା ଡାଗ୍ରା ଓ୍ୱେକେ ଆରି ବାସଂକେ,



ବିଲୁଆ କହିଲା, କ'ଣ ମାମୁଁ ମୋତେ ଖାଇବୁ ? ଦେଖ୍ ମୁଁ କ'ଣ କରୁଛି, ଦେଖ୍ । ମୁ ଦୋଳି ଖେଳୁଛି । ବାଘ ବିଲୁଆକୁ କହିଲା, ମୋତେ ଟିକେ ଦେ, ମୁଁ ମଧ ଦୋଳି ଖେଳିବି । କିନ୍ତୁ ଚତୁର ବିଲୁଆ ବାଘକୁ କହିଲା, ନାହିଁ ମାମୁଁ, ତୁ ବସିଲେ, ଏହି ଦୋଳି ଛିଣ୍ଡିଯିବ । ତେବେ, ମୁଁ ଟିକେ ଗଛ ଉପରକୁ ଚଢ଼ିଯାଇ ଦୋଳିର ରଶି ସବୁ ଭଲ କରି ବାନ୍ଧିଦିଏ । ଗଛ ଉପରେ ଚଢ଼ି ବିଲୁଆ ରଶି ସବୁ କାଟିଦେଇ କେବଳ ଝୁଲାଇ ଦେଇଥିଲା । ବାଘ ଦୋଳି ଉପରେ ବସି ଝୁଲିବା ସମୟରେ, ଗଛରେ ଥିବା ଦଉଡ଼ି ଛିଣ୍ଡିଗଲା । ତଳେ ପଡ଼ିଯିବାରୁ ବାଘକୁ ବ୍ୟଥା ହେଲା । ବାଘ ଉଠିଲା ବେଳକୁ ବିଲୁଆ ସେଠି ଆଉ ନଥାଏ । ବାଘ ପୁଣି ସେମିତି ବିଲୁଆକୁ ଖୋଜିବାକୁ ଲାଗିଲା । ସେ ନିଜେ ନିଜେ କହିଲା, ତୋତେ ମୁଁ ପାଇଲେ ନିଶ୍ଚୟ ଖାଇବି । ଖୋଜି ଖୋଜି ଗୋଟେ ଯାଗାରେ ତାକୁ ପାଇଲା । ସେଠାରେ ବିଲୁଆ ଧୂଳିଖେଳ ଖେଳୁଥିଲା । ବାଘ ପଛପଟୁ ଧୀରେ ଧୀରେ ଯାଇ ତାକୁ କହିଲା,

**ଆରେ ବାନଓ୍ୱ ଆନେଙ୍ଗ ଓ୍ୱେକେନ୍ କଷ୍ଟ୍ ନାବିକେ । ଆନା ଏକେ ଇଂଚଏଁ । ନାକା ବାସଂକେ, ମାମା ଆନେଙ୍ଗ ନାଚଙ୍ଗଏଁ । ଏଲେ ନେଙ୍ଗ୍ ମେ ଡିଙ୍ଗ୍ ଡିଙ୍ଗ୍ ଖେଲା । ନାକା ବାସଂକେ ନେଙ୍ଗ୍‌ନେ ଓସେ । ଦାଦି ଇଂଜା ଇଙ୍ଗ୍ ଡଲି ବୁଲୁ ଇଂସା ବି ବକେ । ଙ୍କୁ ବାସଂଙ୍କେ ନେଙ୍ଗ ଡିଙ୍ଗ୍ ମୁଲୁ ଏଁ । ବ୍ଲୁ ନେଲା ମୁଆଁ ଆରାତାରା ନାରା ଡିଙ୍ଗ୍ ଏଁ । ଙ୍କୁ ନାକାନେ ସାମୁଆ ସା ଛେ ଆରାତାରା ଖେ ଛେ ଡଲି ବୁଲୁ ଡିଙ୍ଗେ । ନାକା ଓ୍ୱେକେନ୍‌ବେଲା ଙ୍କୁ ନେ ମୁଆ ନ୍ତୁଗ୍ ବାଲି ତୁମ୍ବାର୍ ବିଛେ ଡକେ । ଙ୍କୁ ଆକ୍‌କେ ଆତ୍‌ତେ ଇଗୁଆର୍ ଇଚିଙ୍ଗ୍ ଛେ ଲଣ୍ଡିଆ ନ୍ତୁଗ୍ ଓ୍ୱେଚାକେ ଆରି ଣ୍ଡିଆ ନ୍ତୁଗ୍ ଖେ ବିଲା । ମୁଆ ନ୍ତୁଗ୍ ନେ ବାଲି ସର୍‌ତେ ତାର୍ ଓ୍ୱେକେ । ଆରି ନାକା କେ ଥୁର୍ କେ । ଆତାନ୍ କଳା ନାକା ବିରି ଆଲ ପଚିଆ ଲାଏ ।**



ଆରେ ଭଣଜା ମୋତେ ଏତେ କଷ୍ଟ ଦେଲୁ । ତୋତେ ମୁଁ ଆଜି ଖାଇବି । ବିଲୁଆ କହିଲା, ମାମୁଁ ମୋତେ ଖାଇବୁ ହେଲେ ମୁଁ କ'ଣ କରୁଛି ଦେଖ । ବିଲୁଆ କହିଲା, ମୋ ପୂର୍ବରୁ ଜେଜେ ବାପା ମା' ମାନେ ମାଟି ଖେଳିବା ପାଇଁ ଦେଇଛନ୍ତି । ବାଘ କହିଲା ମୁଁ ମଧ ଖେଳିବି । ଖେଳିବା ପାଇଁ ହେଲେ, ଆଖି ଉପରକୁ କରିବାକୁ ପଡ଼ିବ । ବାଘ ବିଲୁଆର କଥା ମାନି ଉପରକୁ ଦେଖି ଖେଳୁଥିଲା । ବିଲୁଆ ଠିକ୍ ଏହି ସମୟରେ ଧୂଳି ମୁଠା ବାଘ ଆଖିକୁ ଛାଟି ପଳେଇ ଗଲା । ବାଘ ଏଠି ସେଠି ରାମ୍ପୁଡ଼ି ବିଦାରି ନଈ କୂଳରେ ପହଂଚି ପାଣି ଭିତରେ ଆଖି ପତା ଖୋଲିଲା । ଆଖି ପରିଷ୍କାର ହୋଇଯିବା ପରେ ଦେଖାଗଲା ବିଲୁଆ ସେଠାରେ ନ ଥିଲା । ବାଘ ପୁଣି ବିଲୁଆକୁ ଖୋଜିଲା । ସେଇ ସମୟରେ ବିଲୁଆ ପତ୍ର ଭିତରେ ଲୁଚିଥାଏ ।

ପିଲାଙ୍କ କଥା

ଙ୍କୁ ନାକାକେ ଥୁର୍ ଛେ ଅବାକେ । ନାକାକେ ବାସଙ୍ଗ୍ କେ ରେ ଆନେଙ୍ଗ ଓ୍ୱେକେନ୍ କଷ୍ଟ ବି ନାବ । ଆନା ଏକେ ଓ୍ୱଏ । ଖେଲା କଣ୍ଡା ବିରି ଗି ଛେ ମେରା ଡିଙ୍ଗ୍ ଓ୍ୱେକେ । ଆତେନ ଇଂସା ନେଙ୍ଗ ପଛିଆ ଇଂସା ମ୍ପାଞ୍ଚେକେ । ନାକାନେ ସାମୁଆ ସାଛେ ଙ୍କୁ ଆରି ନାକାକେ ବାଲିର କେ ତେଲା ନେଙ୍ଗ୍ ଡିଗ୍ ମ୍ପଚିଆଏ । ନାକା ଙ୍କୁ ନିମାଣ୍ଡା କରି ଗାଗ୍ ବିକେ । ସୁଆ ମୁଇଁଙ୍ଗ୍ ନ୍ତୁଗ୍ ନିମାଣ୍ଡା କରି ଡୁଆ ଡିଙ୍ଗ୍ । ଆତ ଅରିଆ ଙ୍କୁ କେ ବିରି ଆତେ ଆନ୍ତାର ବିକେ । ଙ୍କୁ ଆତ୍ ଅରିଆ ଗି ଓ୍ୱେକେ । ଓ୍ୱେକେନ୍ କଷ୍ଟ ଭାଛେ ଣ୍ଡିଗ୍ ମେଁ ନାକାକେ ଆହାନ୍ତାର୍ ଙ୍କେ ଣ୍ଡୁ । ନାକା ଲାଗଡକେ । ଙ୍କୁ ଏବେ ଡିଗ୍ ନାକାକେ ତୁର୍କେ ଆରି ମୁଇଙ୍ଗ ଇନି ଗୁବୁଗ୍ ସାଛେ ଚଙ୍ଗ୍ଡିଙ୍ଗେ୍ ।



ବାଘ ତାକୁ ଖୋଜି ପାଇଗଲା । ସେ ତା'ର କଷ୍ଟ ସହି ପାରୁନଥିଲା । ବିଲୁଆକୁ କହିଲା, ରେ ମୋତେ ଏତେ କଷ୍ଟ ଦେଇଛୁ । ତୋତେ ମୁଁ ଆଜି ଖାଇବି । ଦେଖ୍ ବଣ ଜଙ୍ଗଲ ପୋଡ଼ି ଯାଇ ନଷ୍ଟ ହୋଇଯାଉଛି । ତେଣୁ ମୁଁ ଏଠାରେ ଲୁଚିବାକୁ ଚେଷ୍ଟା କରୁଛି । ବିଲୁଆ କଥା ଶୁଣି ବାଘ କହିଲା, ତା ହେଲେ ମୁଁ ବି ଲୁଚିବି । ବିଲୁଆ ବାଘକୁ ସେଠାରେ ଭଲ ଭାବରେ ପତ୍ର ସହ ବାନ୍ଧିଦେଲା । ନିଆଁ ଗୋଟିଏ ପାଖରେ ଭଲ ଭାବେ ଜଳି ଉଠୁଥିଲା । ସେଠାରେ ବାଘକୁ ପତ୍ର ସହିତ ଛାଡ଼ିଦେଲା । ବାଘ ସେଠାରେ ପୋଡ଼ିଗଲା । ଏତେ କଷ୍ଟ ପାଇଲେ ମଧ୍ୟ ସେ ବିଲୁଆକୁ ଛାଡ଼ିଲା ନାହିଁ । କିନ୍ତୁ ବିଲୁଆ କୌଣସି ମତେ ପଳାଇଲା । ବାଘ ଏଥରବି ତାକୁ ଖୋଜିଲା । ବିଲୁଆ ଗୋଟିଏ ଗାଁରେ ଘୁଷୁରି ଧରି ଖାଉଥିଲା ।

**ଆନନଙ୍ଗ୍ ନାଚଙ୍ଗେ । କଣ୍ଡା ପାକ । ଧୀରିକ୍ କେଲା । ମାଆରେ ପାଙ୍ଗଡିକେ ଏତର ଆନା ବାଗ୍ୟେ ଛହେଁ । ବେଙ୍ଗ୍ଆକା ଗାଁଆ ଲାଛେ ଲାଗ୍ଲାଆହେଁ । ନାଆଁ ତିନାଡିଙ୍ଗ୍ ମାମାଁ । ଉଣ୍ଡୁ ବାଞ୍ଜା ନା ମିଆନାଲାକେ । ନାଉଡ଼ିଙ୍ଗ୍ ପଆଛେ ଗା ନାଲାହେଁ । ଉକୁଂ କା ଆଗାଛେ । ଘାଗ୍ଗାଟେଛା ଟେଛା ଛେ । ଯାବର ଆଗା ଘା ବଞ୍ଜା ଆସିଡିଟୋକେ ଉଣ୍ଡୁଲାତାରଲା ତାରଲା ନେଙ୍ଗ୍ ଗାନ୍ଲୁଆ ଗାଗ୍ଛେ ଆରି ଗୁନଲି ଗୁଟଲା ଡେ ଶୁଆଲେ ଲାକେ ତୁକ୍ ଗୁଟଲା ବିକା ଗିକାଛେ ଆରି ଇଣ୍ଡିଆନ୍ତକ୍ ବୁଡ଼େ଼ୱେଗାତାର ଛେଆରି ନାକା କା ତୁର୍ୱେଗା ।**



ବାଘ ସେଠାରେ ପହଞ୍ଚିଲା । ତାକୁ ଖାଇବ ବୋଲି କହିଲା । ବିଲୁଆ ପ୍ରସ୍ତାବ ଦେଲା, ଆସ ଆମେ ଦୁଇଜଣ ଏହାକୁ ବାଂଟି ଖାଇବା । ବାଘ ରାଜି ହେଲା । ବାଘ ଓ ବିଲୁଆ ବାଂଟି ଖାଇଲେ । ବିଲୁଆ ନିଜେ ବାର ଭାଗ ଖାଇ ବାଘକୁ ଗୋଟିଏ ଭାଗ ଦେଲା । ସେମାନଙ୍କ ମଧ୍ୟରେ ଗଣ୍ଡଗୋଳ ହେଲା । ସେଠାରେ ଜଣେ କମାର ବସିଥାଏ । ବାଘ ତା’ ପାଖକୁ ଯାଇ ପଚାରିଲା, ବୁଢ଼ା, ମୁଁ ଗୋଟିଏ କଥା କହିବି ଶୁଣିବୁ ? କଥା କ’ଣ ? କମାର ବୁଢ଼ା ପଚାରିଲା । ବାଘ କେତେଭାଗ ଓ ବିଲୁଆକୁ କେତେ ଭାଗ ଖାଇବା କଥା ? ବୁଢ଼ା କହିଲା, ବାଘ ଗୋଟିଏ ଭାଗ ଓ ବିଲୁଆ ବାର ଭାଗ ଖାଇବ । ବାଘ ବିଲୁଆ ପାଖକୁ ଗଲା ।

ପିଲାଙ୍କ କଥା


ନାକା ମୁହିଂ ଗୁବୁସାଛେ ଛହଁ ଡିଙ୍‌କେ ଗୁବୁନି ଶୁଲେରେ ଶାଆଛେ ଟାଂ ଡାଗରା ଗୁଣଛେ ଆରି ଚଡଙ୍‌ଡିକେଂ ଏତର ବେଲା ଙକୁଂ ବିଣ୍ଡାଛେ । ନାକାଡି ଟାମ୍ଧି ମାମା ନାନି ସଲେରେ ରପ୍ୟାଛେ ଆତାରଛେ ଚଙ୍ ଉଙ୍କୁ ସତେତା ନାଞ୍ଜା ହଂ ଓ ମାମା ସତେଆଡ଼ାକ୍ ଛେବାରି । ଉଙ୍କୁ ମାନା ଇନ୍ତି ଇଗେଡ଼ି ଏତେ ଇଗୁଥାର ଛେ ପୁହେଁ ଓ୍ୱେଆ । ନାକା ନାକା ବାରଟା ବାଟା ଏତର୍ ଡିଙ୍‌ଲେ ଉକୁଂକେ ମୁଂହିବାଟା । ନାଲାଏତେ ରିଙ୍‌ଲା ଯାତିଗ୍ ଆରେ ହେଁ ଆକାତା ଉସାରା ଉକୁଂ ଗଏଗା ।



ବିଲୁଆ ପଚାରିଲା, କମାର ବୁଢ଼ା କ'ଣ କହିଲା ? ସେ ଯାହା କହିଲା ସେମିତି ହେବ । ବାଘ ରାଜି ହେଲା । ବିଲୁଆ ବାର ଭାଗ ଓ ବାଘ ଗୋଟିଏ ଭାଗ ଦୁଇଜଣ ମିଶି ବାଂଟିଲେ । ବାଘ ସବୁ ଖାଇସାରି ବିଲୁଆ ଆଡ଼କୁ ଚାହିଁଲା । ବିଲୁଆ ତା'ର ଅଂଟାରେ ଅନ୍ତ ନାଡ଼ ସବୁ ଘୋଡ଼ାଇ ଥିଲା । ବାଘ କହିଲା, ମୋତେ ଟିକେ ଦେ । ବିଲୁଆ ଟିକେ ଦେଲା । ବାଘ ଖାଇଲା । ପଚାରିଲା ତୁ କ'ଣ ଏତେ ଖାଉଛୁ ? ମୁଁ ନିଜ ପେଟକୁ ଚିରି ଅନ୍ତ ସବୁ ଖାଉଛି । ବିଲୁଆ କହିଲା । ମୁଁ କ'ଣ କରିବି ବୋଲି ବାଘ ପଚାରିଲା । ତୁ ମଧ୍ୟ ନିଜ ନଖରେ ପେଟ ଚିରି ଖା' । ବିଲୁଆ କହିବା ମାତ୍ରେ ବାଘ ନଖରେ ପେଟ ଚିରିବାକୁ ଲାଗିଲା, ବାଘ ମରିଗଲା । ବିଲୁଆ କହିଲା, ତୁ କ'ଣ ମୋତେ ଖାଇବୁ ? ଏବେ ମୁଁ ତୋତେ ଖାଇବି ।

# ମା ଭୈରବୀ ମହାପ୍ରଭୁନେ ଉସ୍ରା
# (ମା ଭୈରବୀ ଦେବୀଙ୍କ କଥା)

ହଃସେ କିଡିଙ୍ଗା ରେମୁଆ ଲେଏ ଡିଙ୍‌ଗେ । ମେଇଙ୍‌ ରୁକମ୍‌ ନେ ପାଣ୍ଡୁଏ ଡିଙ୍‌ ମିଆ ଆର୍‌କେ । ଏକେନେ ରେମୁଆ ଇଂକେ କିଡିଙ୍ଗା ଡାଗଡିଙ୍‌ ଆର୍‌ଗେ । ଆକ୍‌ କ୍ଲେ ଇଙ୍‌ ଡିଡୋଇ ରେମୁଆ ଲେଏଗେ । କଣ୍ଡା ଅଲେଙ୍‌ ଚେ କଳାଡ଼ି ଗିଛେଙ୍‌ ପଲଗ୍‌ କେଛେ ଆକେନ୍‌ ଆଃ ଡାକ ଛେ ମେଇଙ୍ଗ (ଗୋ) ଓ୍ୱେ ଆର୍‌କେ କେଲା କିଡିଙ୍ଗା ଡକରି କଣ୍ଡା ଓ୍ୱେଲେଏ ।



ପୂର୍ବ କାଳରେ କିଡ଼ିଙ୍ଗା ନାମରେ ଆଦିମ ଅଧିବାସୀ ବାସ କରୁଥିଲେ । ସେମାନେ ବିଭିନ୍ନ ପର୍ବ ପର୍ବାଣୀ ପାଳନ କରୁଥିଲେ । ଦେବାଦେବୀଙ୍କୁ ପୂଜାର୍ଚ୍ଚନା କରୁଥିଲେ । ସେହି ଅଧିବାସୀ ମାନଙ୍କୁ କିଡ଼ିଙ୍ଗା / କେଙ୍ଗୁଆ କୁହାଯାଉଥିଲା । ଏମାନେ ଡିଡାୟୀ ସଂପ୍ରଦାୟର ଲୋକ । କିମ୍ବଦନ୍ତୀରୁ ଜଣାଯାଏ, କିଡ଼ିଙ୍ଗା ପର୍ବତରେ ଠାକୁର ବିଦ୍ୟମାନ ଥିଲେ । କିଡ଼ିଙ୍ଗା ବଂଶର ଲୋକେ ସେହି ଠାକୁରଙ୍କୁ ପୂଜା କରୁଥିଲେ । ଦିନକର କଥା, କିଡ଼ିଙ୍ଗା ବଂଶର ଗୋଟିଏ ବୁଢ଼ୀ ଜଙ୍ଗଲକୁ ଯାଇଥିଲା । ଜଙ୍ଗଲ ଗୁମ୍ଫା ମଧ୍ୟରେ ଝିଙ୍କର ପାଦଚିହ୍ନ ଦେଖି ତାକୁ ଶିକାର କରିବା ପାଇଁ ଉପାୟ ଚିନ୍ତା କଲା ।

ପିଲାଙ୍କ କଥା

**ଆତେନ୍ ଇଂସା କଣ୍ଡା ନେ ପୁଲଗ୍ ନ୍ତୁଗ୍ ପାଷ ଆକେବଗେ । ଖେ, କେ ଗିଚେଙ୍ଗ ପୁଲଗ୍ ଆଃଡ଼ା ବାଆରେ ତାର୍‌ଲା ପାଶନ୍ତୁଗ୍ ଲଃ ଓ୍ୱେଏ । ଉଡିସି ପରେ ଶବର ଜାତିନେ ମୁଇଙ୍ଗ୍ ଡକରି ଇଲି ଲାକା ଓ୍ୱେ କେ । ଗିଚେଙ୍ଗ୍ ନେ ଓ୍ୱନେ ଟିନି କେ ଛେ ପୁଲଗ୍ ନ୍ତୁଗ ଓ୍ୱେକେ । ଆତ୍ ଅରିଆ କିଡିଙ୍ଗା ଜାତିନେ ମୁଇଙ୍ଗ୍ ରେମୁଆ ପାଶୀ ଆକ ବକେ ଡାକଛେ ଆମିଆକେ ଣ୍ଡୁ । ଆତେନ ଇଂସା ଡକରି ପାଶ ନ୍ତୁଗ୍ ଲ ଓ୍ୱେଗେ । ଦେଖ୍ ରୁକମ ଜିର୍‌ସି ଦେତୁଆ ଲେଏଗେ ଆରି ଗୁଏ ଲେଏଗେ । ମେଇଙ୍ଗ୍ ଡୁଆ ନେ ରେମୁଆଇଙ୍ଗ୍ ଆ ଥୁର୍‌ସା ଥାର୍ ଆର୍‌କେ । ଡକରି ନେ ଦେଖ୍ ରୁକମ୍ ଗ୍ୟୁକ୍ଲେ କେଛେ ମିଆ ଆର୍ କେ ଜେ । ଆକେନ୍ ପାହାନରେ କିଡିଙ୍ଗା ବଂଶର ରେମୁଆ ପାଶ ଆଃକବଏ ।**



ତେଣୁ ସେ ଗୁମ୍ଫା ପାଖରେ ଫାଶ ବସାଇଦେଲା । ଭାବିଲା, ଝିଙ୍କ ଗୁମ୍ଫା ଭିତରୁ ବାହାରିଲେ ଫାଶରେ ପଡିଯିବ । କିଛିଦିନ ପରେ ଶବର ବଂଶର ଜଣେ ବୁଢ଼ୀ ଜଙ୍ଗଲକୁ ବାଉଁଶ କରଡ଼ି ଆଣିବାକୁ ଯାଇଥିଲା । ଝିଙ୍କର ପାଦଚିହ୍ନ ଦେଖି ସେ ଗୁମ୍ଫା ପାଖକୁ ଗଲା ସେଠାରେ କିଡ଼ିଙ୍ଗା ଜାତିର ଜଣେ ଲୋକ ଫାଶ ବସାଇଛି ବୋଲି ସେ ଜାଣି ପାରିଲା ନାହିଁ, ଏଣୁ ସେହି ଫାଶରେ ବୁଢ଼ୀ ପଡ଼ିଗଲା । ଏପରି ଦୁଇ ତିନି ଦିନ ପଡ଼ି ରହିବା ପରେ ବୁଢ଼ୀ ସେଠାରେ ମରିଗଲା । ତାଙ୍କ ଘର ଲୋକ ଦୁଇଦିନ ପରେ ଖୋଜି ବାହାରିଲେ । ବୁଢ଼ୀକୁ ଏପରି ମରିବାର ଦେଖି ଜାଣିଲେ, ଏହି ପାହାଡରେ କିଡ଼ିଙ୍ଗା ବଂଶର ଲୋକ ଫାଶ ବସାଇଥିବେ ବୋଲି ।

**ଏକେନ୍ ପରେ ଲେ, ଶବର ଜାତିନେ ରେମୁଆ ଆରି କିଡିଙ୍ଗା ଜାତିରନ ରେମୁଆ ଓ୍ୱିଙ୍ଆ ରିଙ୍ଆ ଆର୍କେ । ଶବର ଜାତି ରେମୁଆ କିଡିଙ୍ଗା ଜାତିରେ ମୁଇଙ୍ କେ ଆଃହାରେ ବି ଆର୍କେ । ଆତେନ୍ ପଛେ କିଡିଙ୍ଗା ଇଙ୍ ଶବର ଇକେଂ ଆତେନ କଣ୍ଡା ନ୍ତୁଗ୍ ଆନ୍ତାର ଛେ ଲାଗଡ଼୍ ଆର୍କେ । ଶବର ରେମୁଆଇଙ୍ କିଡିଙ୍ଗା ଆଡା କଣ୍ଡାନେ ଠାକୁର ନେ ପୂଜା ଡିଙ୍ସା ନେଗା ଆର୍କେ । ମେସୁଆ ଶବର ଇଙ୍ଗ ପୁରୁଣା ପୁଲଗ ନ୍ତୁଗ୍ ନେ ଡିଡୋଇ ଇଙ୍ ପୂଜା ଡିଙ୍ ଆର୍ଏ । ମେ ଇଙ୍ ଠାକୁର ନେ ପୂଜା ଡିଙ୍ ଆର୍ଏ । ଆତ୍ ଆଡ଼ା ବାଓ୍ୱିର୍ ପୁଲଗନେ ରେମୁଆଇଙ୍ ପୂଜା ଡିଙ୍ ଆର୍କେ ।**



ଏଠୁ ଶବର ଜାତି ଓ କିଡ଼ିଙ୍ଗା ଜାତି ମଧ୍ୟରେ ଯୁଦ୍ଧ ହେଲା । ଶବର ମାନେ କିଡ଼ିଙ୍ଗା ମାନଙ୍କୁ ଯୁଦ୍ଧରେ ହରାଇ ଦେଲେ । ତା'ପରେ କିଡ଼ିଙ୍ଗା ମାନେ ଶବର ମାନଙ୍କୁ ସେହି ପାହାଡ଼ଟି ଛାଡ଼ିଦେଇ ଚାଲିଗଲେ । ଶବର ଲୋକମାନେ କିଡ଼ିଙ୍ଗାମାନଙ୍କ ଠାରୁ ପର୍ବତ ଓ ଠାକୁରଙ୍କ ପୂଜା କାର୍ଯ୍ୟ ସବୁ ଦାୟିତ୍ୱ ନେଲେ । ଦିନକର କଥା । ଶବର ମାନେ ଭାବିଲେ ଯେ ପୁରୁଣା ଗୁମ୍ମାରେ ଥିବା ଡିଡାୟୀ ମାନଙ୍କୁ ପୂଜା କାର୍ଯ୍ୟ ଦେବେ । ସେମାନେ ଠାକୁରାଣୀ ପୂଜା କରିବେ ଏବଂ ତାଙ୍କ ସବୁ ପୂଜା ନୀତି ପାଳନ କରିବେ । ସେହି ଦିନ ଠାରୁ ପୁରୁଣା ଗୁମ୍ମାର ଲୋକମାନେ ପୂଜାକାର୍ଯ୍ୟ କଲେ ।

ପିଲାଙ୍କ କଥା

ଆକେନ୍ ବଂଶନେ ରେମୁଆ ଇଙ୍ଗ୍ ପୂଜା ଡିଙ୍ଗ୍ କ୍ନେ ରଡ଼ିଙ୍ଗ୍ ଠାକୁର ମେ ଇଙ୍ଗ୍ ନେ ପୂଜା କେ ଆମାନେ କେଣ୍ଟୁ । ଆମେଇଙ୍ଗ୍ କେ ମୁସୁଡିଙ୍ଗ୍ ବିକେ ଯ ନନ୍ଦପୁର୍ନେ ଗଉଡ଼୍ ଇକେଂ ପୂଜା ଡିଙ୍ଗ୍ସା ବିପା ଡିଡୋଇ ପୂଜା ଡିଙ୍ଗ୍ମିଆକ୍ନେ ସାପା ଗଉଡ଼୍ ଇକେଂ ବିକେ । ଆତ୍ ଆଡା ପୂଜରୀ ଗୁଡ଼ାନେ ରେମୁଆଇଙ୍ଗ୍ ପୂଜା ଡିଙ୍ଗ୍ ଆର୍କେ ଏକେନେ ପୂଜା ଚଇତି ଆରକେ ଆଗ୍ନ୍ରା କାଲା ଡିଙ୍ଗ୍ଏ । ଆତ ଆଡ଼ା ଭୌରବୀ ପାଣ୍ଡୁଏ ଡିଙ୍ଗ୍ ଡିଙ୍ଗ୍ ଆର୍କେ ।



ଏହି ବଂଶର ଲୋକ କିଛି ଦିନ ପୂଜା କରିବା ପରେ ଠାକୁରାଣୀ ତାଙ୍କ ପୂଜାରେ ଅସନ୍ତୁଷ୍ଟ ହେଲେ ଏବଂ ସ୍ୱପ୍ନ କଲେ, ଯେ ନନ୍ଦପୁରରେ ଗଉଡ଼ମାନେ ଅଛନ୍ତି । ସେମାନଙ୍କୁ ପୂଜା ଦାୟିତ୍ୱ ଦିଅ । ଡିଡାୟୀ ମାନେ ପୂଜା କରିବାର ଆସ୍ତିବାଡ଼ି ଦାୟିତ୍ୱ ଗଉଡ଼ ମାନଙ୍କୁ ଅର୍ପଣ କଲେ । ସେହି ଦିନଠାରୁ ନନ୍ଦପୁରର ଗଉଡ଼ ଲୋକମାନେ ପୂଜା କାର୍ଯ୍ୟ ତୁଲାଇଲେ । ଏହି ପୂଜା କାର୍ଯ୍ୟ ଚଇତିମାସର ମଙ୍ଗଳବାର ଦିନ ହୁଏ । ସେହିଦିନ ଠାରୁ ଭୈରବୀ ପୀଠରେ ଅନେକ ଲୋକ ସମାଗମ ହୁଅନ୍ତି । ପୂଜାକାର୍ଯ୍ୟ ଚାଲେ ।

# ଗୁଆଁସାନେ ସାପୁଙ୍ ଡ଼ି–ତାର-କେ

ହଃସେ କାଲେ ଆଣ୍ଡିନ୍ତୁର୍ ଣ୍ଡିଗ୍, ଇକୁଡା ଡିଗ୍ ଣ୍ଡିଆ ଆଲେଗେ ଣ୍ଡୁ । ଆଣ୍ଡି କେଲା ଣ୍ଡିଗ୍ ଣ୍ଡିଆ । ସ୍ଲା ପାଡୁ କଣ୍ଡା ସାପା ଆମୁଗ୍‌ଡ୍ୟା ଛେ ଲେଏଗେ । ମ୍ନା ମାପୁରୁ ଭୈରବୀ ଭାବଛେ । ଓନା ଭାରି ମ୍ନାୟା କେ ଅଃରେ ଉକ୍‌ସା ଭିତ୍‌ରେ ଆଗାଛେ ଣ୍ଡିଆ ଆରାତ୍ ତାରା ଆକ ବିକେ । ମେ ଇଙ୍ ଣ୍ଡିଆ ଆରାତ୍ ତାରା ଭାସେ ଛେ ଓ୍ୱେକେ ଆରି ମୁଇଙ୍ ଜାଗାନ୍ତୁର୍ ଓ୍ୱେଛାକେ । ଇଡିଙ୍ ମ୍ନା ମାପୁରୁ ଗିଗିଆ ମୁଇଙ୍ ବେଏ କୋନା ସାପା ପାକା ଅଲେଙ୍ ଛେ ହେଲା । ଆଣ୍ଡି ଅରିଆ ମେଁ ଣ୍ଡିଗ୍ ନାକେଏ । ଆନେଙ୍ ନାବାସଙ୍ ଏ । ଗିଗିଆ ପର୍‌ଥୁମ୍ ସରତେ ପାକା ଅଲେଙ୍ ଅଲେଙ୍ ଛେ ସାରା ସାରି ମେ ଣ୍ଡିଗ୍ ଆଓବାକେ ଣ୍ଡୁ ।



ପୂର୍ବ କାଳରେ କୌଣସି ସ୍ଥାନରେ କିଛି ନଥିଲା । କେବଳ ଚାରିଆଡ଼େ ଜଳମଗ୍ନ ହୋଇ ରହିଥିଲା । ଗଛଲତା ପାହାଡ଼ ପର୍ବତ କିଛି ନଥିଲା । ମାହାପ୍ରଭୁ / ମହାପ୍ରଭୁ ଭୈରବୀ କପଟଟିଏ ଚିନ୍ତା କଲେ । ଭାଇ ଭଉଣୀ ଦୁହିଁଙ୍କୁ ଗୋଟିଏ ଗୋରୁ ଚମଡ଼ା ମଧ୍ୟରେ ପୁରାଇ ଦେଇ ପାଣିରେ ଭସାଇ ଦେଲେ । ସେମାନେ ପାଣିରେ ଭାସି ଭାସି ଏକ ସ୍ଥାନରେ ଲାଗିଲେ । ତାପରେ ମହାପ୍ରଭୁ କୁଆଟିଏ ପଠାଇଲେ । ତାକୁ କହିଲେ ତୁ ସାରା ସଂସାର ବୁଲି ବୁଲି ଆସ, ଯେଉଁଠି ଯାହା ବି କିଛି ଦେଖିବୁ ମୋତେ କହିବୁ । କୁଆ ପ୍ରଥମେ ଚାରିଆଡ଼ ଖୋଜି ବୁଲିଲା, ହେଲେ କୌଣସି ସ୍ଥାନରେ କିଛି ପାଇଲା ନାହିଁ ।


ପିଲାଙ୍କ କଥା

ୱିଗଛେ ମାପୁରୁ କେ ଆଃମିଆକେ, ମାପୁରୁ ମେ ଣ୍ଡିଗ୍ ନା ବାକେ ଣ୍ଡୁ । ଆତ୍ ଆଡ଼୍ା ଉଡିସି ୱେକ୍ନେ ଉଡ଼ିଙ୍ଗ୍ । ମାପୁରୁ ଆରି ମୁଇଙ୍ଗ ଥର ଗିଗିଆକେ ବେଏକେ । ଗିଗିଆ ଆରି ମୁଇଙ୍ଗ୍ ଥର୍ ଥୁର୍ ଅଲେଙ୍ଗ୍ କେ । ଏଥର ଗିଗିଆ ଆତେନ ଉନା ଭାରି କେ କେଛେ ଆମେଇକେଂ ମାପୁରୁ ନ୍ତୁଗ୍ ଡୁଙ୍ଗ୍ ପାଙ୍ଗ୍ ବିକେ । ମେଁ ଇଙ୍ଗ୍ ଡି ରୁକମ୍ ବୃଆ ଆର୍ଏ । ମେଃନେ ୱେତି ଡେକ୍‌ଚି ବିକେ ।



ଫେରି ଯାଇ ପ୍ରଭୁଙ୍କୁ ଜଣାଇଲା, ପ୍ରଭୁ ମୁଁ କିଛି ପାଇଲି ନାହିଁ । ତା ପରେ କେତେ ଦିନ ବିତିଗଲା । ମହାପ୍ରଭୁ ପୁଣି ଥରେ କୁଆକୁ ପଠାଇଲେ । କୁଆ ଆଉ ଥରେ ଖୋଜି ବୁଲିଲା । ଏଥର କୁଆ ସେହି ଭାଇ ଭଉଣୀଙ୍କୁ ଠାବ କଲା । ମହାପ୍ରଭୁଙ୍କୁ ଆଣି ଦେଲେ ହେଲେ ସେମାନେ କିପରି ଚଳିବେ ଭାବି ନିଜର ନଖ ଟିକିଏ ଛିଣ୍ଡାଇ ପକାଇ ଦେଲେ । ତାହା ପାହାଡ଼ ହୋଇଗଲା । ସେହି ପାହାଡ଼ରେ ଗୁଡ଼ିଏ ଲୋମ ନିଜ ଦେହରୁ ପକାଇ ଦେଲେ, ତାହା ବିଭିନ୍ନ ଗଛଲତାରେ ପରିଣତ ହେଲା । ସେଠାରେ ସେମାନେ ରହିଲେ । ସେମାନଙ୍କୁ ସେଠାରେ ଛାଡ଼ି କରି ମହାପ୍ରଭୁ ଅନ୍ୟତ୍ର ପଳାଇଲେ ।

ଆଡେନ୍ କଣ୍ଡା ଡିଙ୍ଗ୍ ଓ୍ୱେକେ ଓ୍ୱେକେ ଆଡେନ୍ କଣ୍ଡ କଣ୍ଡା ନ୍ତୁଗ୍ ମେଁନେ ଭଗ୍‌ବ ସାପା ପାକା ଜକକ୍ଲି ବିକେ । ଆଡେନ୍ ଆଁ ରକମ୍ ରକମ୍ ସ୍ଲା ପାଡୁ ଡିଙ୍ଗ୍ ଓ୍ୱେକେ । ଆତ୍ ଅରିଆ ମାୟାକେ ଆନ୍ତାର ବିଛେ ମାପୁରୁ ମାୟାଁ ଛେ ଲାଗଡକେ । ଉଡିସି ଓ୍ୱେକ୍ଲେ ଉଡିଙ୍ଗ୍ ମାପୃ ପାଙ୍ଗ୍‌ଛେ ଖେକେ ଯେ ମ୍ବା ୟା ନୁଗ୍ ଲେଏକେ । ମେରେ ଡଗ୍‌ଲା ମୁଇଙ୍ଗ୍ ଡିଗ୍ ଉଣ୍ଡେଇଙ୍ଗ ଆଲେ ଗେ ଣ୍ଡୁ । ଆଡେନ ମାପୁରୁ କଣ୍ଡା ଆରାତାରା ମୁଇଙ୍ଗ୍ ସାନ୍ତସ୍ଲା ବିକେ ସ୍ଲା ଲେ ଜ୍ୟା ଜ୍ୟା ମ୍ନା ଓ୍ୱେଗେ । ଆତ୍ ମୁଇଙ୍ଗ କେନ୍ଦା ତାରକେ । ଆଡେନ୍ କାନ୍ଦି ନ୍ତୁଗ୍ ଗିଗିଆ ଓ୍ୱେଛେ ରିବା ରିବା ଡିକେଂ ତେଲା ଲେ ଆତ୍ ଆଡା ଣ୍ଡିଆଢ଼େ ତୁବ ଆଲ ଝରିଆକେ ତୁବନେ ଣ୍ଡିଆଢ଼େ ନ୍ତୁଗ୍ ବୁହିଇଙ୍ଗ୍ ଓ୍ୱେ ଆରକେ ।



ପୁଣି କିଛି ଦିନ ପରେ ଆସି ଦେଖିଲେ ସେହି ଭାଇ ଭଉଣୀ ଦୁହେଁ ଅଛନ୍ତି । କିନ୍ତୁ ସେମାନଙ୍କର ପିଲାପିଲି କିଛି ନାହିଁ ଏହା ତାଙ୍କ ପାଇଁ ବଡ଼ ଚିନ୍ତାର ବିଷୟ ହେଲା । ସେହିଦିନ ମହାପ୍ରଭୁ ଏକ ନିଶାଗଛ ସେହି ପାହାଡ଼ ଉପରେ ସ୍ଥାପନା କରିଦେଲେ । ସେହି ଗଛ ସଂଗେ ସଂଗେ ବଡ଼ ହୋଇଗଲା । ସେଥିରୁ ଏକ କାନ୍ଦି ବାହାରି ପଡ଼ିଲା । କୁଆଟି ସେହି କାନ୍ଦିକୁ ଖୁମ୍ପି ଖୁମ୍ପି ଖାଇବାରୁ ସେଠାରେ ରସ ଝରିପଡ଼ିଲା । ସେହି ରସ ପିଇବାକୁ ତଳେ ପିମ୍ପୁଡ଼ି ଜମା ହେଲେ । ଏହାକୁ ସେହି ଦୁଇ ଭାଇଭଉଣୀ ଦେଖିପାରିଲେ । ସେମାନେ ସେହି ରସ ଖାଇବା ପାଇଁ ସେଠାକୁ ଗଲେ ।

**ଆତ ଅରିଆ ରିସିଙ୍ ଲେଏକ୍ନେ କେଛେ ରସ୍ ଉଗ୍‌ସାଁ ଓ୍ୱେ ଆର୍‌କେ । ଆଳ ନେ ଣ୍ଡିଆ ଡ଼େ ଇକୁଡା ଚାଲିକେ ଆର୍‌କେ ମ୍ରେ ଲେଏଗେ ଡାଗଛେ ସ୍ଲା ଆରାତ୍‌ତାରା ଡେଃ ଛେ କାନ୍ଦି କେ ମାକ ବି ଆରକେ, ଡି ପାର୍ ଲେ ଦେତ୍‌ଡ଼େ ଉକ୍ ଆର୍‌କେ । ଦେଖ ରୁକମ୍ ଉଗ୍ ଛେ ବୁସା ଓ୍ୱେ ଆର୍‌ଗେ । ବୁସାଛେ ମ୍ବାୟା ଯାକ ଆବବିକେ ଆତେନ୍‌ସ ମ୍ବାୟା ସେଲା ଙିରେ ରୁକମ୍ ଡିଙ୍ ଓ୍ୱେ ଆର୍‌କେ । ମାୟା ନେ ଝୁଲି କୁନେ ଆଣ୍ଡା ରୁକମ୍ ଡିଙ୍ ଓ୍ୱେ ଆରକେ ଆତେନ୍ ସେଲାମ୍ବଏ । ଗଡ଼େଇଙ୍ଗକେ ଜନ୍ମ ବିକେ । ଉଣ୍ଡେ ଇଙ୍ ଆତେ କଣ୍ଡା ଲେଏ ଡିଙ୍ ଆର୍‌ଗେ ।**



ତଲୁ ଟିକିଏ ରସ ଚାଖୁ ଚାଖୁ ତାହା ଭାରି ମିଠା ଲାଗିଲା । ସେଠୁ ଗଛ ଉପରେ ଚଢ଼ିକରି ଦୁହେଁ ସେହି କାନ୍ଦିକୁ ଭାଂଗି ଦେଲେ ମନ ଇଛା ରସ ପିଇଲେ । ଏପରି ପିଇବା ଦ୍ୱାରା ତାଙ୍କର ଭାରି ନିଶା ହେଲା । ସେଇଠୁ ସେମାନେ ପରସ୍ପରକୁ ଭୁଲି ଯାଇ ଦୁହେଁ ପ୍ରେମକ୍ରୀଡ଼ାରେ ଲିପ୍ତ ହେଲେ । ଦୁହିଁଙ୍କ ସଂପର୍କ ସ୍ୱାମୀ ସ୍ତ୍ରୀ ସଂପର୍କ ପରି ଗଢ଼ି ଉଠିଲା । ଝିଅଟିର ଗର୍ଭବାସ ହେଲା । ତା ଗର୍ଭରୁ କିଛିଦିନ ପରେ ପୁତ୍ର କନ୍ୟାମାନେ ଜନ୍ମ ହେଲେ ଏବଂ ସେହି ଜଙ୍ଗଲର ବାସ କଲେ ।

ମାପୁରୁ ନେଗା କେ ଯେ, ଆକ୍‌ମେଇଙ୍ ଆନେଙ୍ ଆଦବି ଆର୍‌ଗେ । ଆତେନସା ମାପୁରୁ କଣ୍ଡା ନ୍ତୁର୍ ଓ୍ୱେଛେ ବିରି ରକମ୍ ଡିଙ୍ ଛେ କକେ । ଆରି ଆମେଇଙ୍କେ ମୁସୁଡିଙ୍ ବିକେ ନେଙ୍ ପେଏ ନ୍ତୁର୍ ହାଃ ଇନ୍‌ଲେକେ । ଯଦି ମେ ଣ୍ଡିଗ୍ ଡିଙ୍ ହେ ଡାଗଲା ଆନେଙ୍ ପେବାସଙ୍ ଏ । ଆତ୍ ଆଡ଼ା ପୁରୁଣା ଗୁମ୍ମା ନ୍ତୁର୍ ମୁଇଙ୍ ମ୍ନା ବିରି ଆକବିଛେ ପୂଜା ଡ଼ିଙ୍ ଡିଙ୍ ଆରକେ । ଡିଡୋଇଙ୍ଗ ପର୍‌ଥୁମ୍ ସାପୁଙ୍ ଉକ୍ କାଲା ମାପୁରୁ କେ ପୂଜା ବି ଆର୍‌ଏ । ଆରି ମେଇଙ୍ଗ ଉଗ୍ ଆରଏ । ଆଡ଼ ଆଡ଼ା ମେଇଙ୍ଗ ଗୁଆଁସାନେ ସାପୁଙ୍ ଡି ରୁକମ୍ ଡିଙ୍ ଏ ମେଇଙ୍ ମିଆଁ ଆର୍‌କେ ।



ମହାପ୍ରଭୁ ଭୈରବୀ ଚିନ୍ତା କଲେ, ଏମାନେ ମୋତେ ଭୁଲି ଯାଉଛନ୍ତି, ତେଣୁ ଦେବୀ ଗୋଟିଏ ପାହାଡ଼ର ଏକ ବଡ଼ ପ୍ରସ୍ତର ଖଣ୍ଡ ଉପରେ ନିଜେ ଆର୍ବିଭାବ ହେଲେ ଓ ସେମାନଙ୍କୁ ସ୍ୱପ୍ନରେ ଜଣାଇ ଦେଲେ, ମୁଁ ତୁମ ମାନଙ୍କ ପାଖରେ ଅଛି । ଯଦି କିଛି ଭଲ ମନ୍ଦ, ଦୁଃଖସୁଖ ହୁଏ ତେବେ ମୋତେ ପ୍ରଥମେ ଜଣାଇ ଦିଅ । ସେହିଦିନ ଠାରୁ ପୁରୁଣା ଗୁମ୍ମା ନିକଟରେ ଏକ ବଡ଼ ପ୍ରସ୍ତର ଖଣ୍ଡ ଉପରେ ଦେବୀ ଭୈରବୀ ବିଜେ କରିଛନ୍ତି । ଡିଡାୟୀ ମାନେ ତାଙ୍କୁ ପ୍ରଥମେ ସଲପ ରସ ପୂଜା ଦେବା ପରେ ନିଜେ ପିଅନ୍ତି । ସେହିଦିନ ଠାରୁ ସେମାନେ ସଲପରସ ବିଷୟରେ ଜାଣି ପାରିଛନ୍ତି ।

ପିଲାଙ୍କ କଥା

# ଅସୁର – ବୁଢ଼ୀ ଆରି ମେଉଆ ଉସ୍ରା
# (ଅସୁରୁଣୀ ବୁଢ଼ୀ ଓ ଝିଅ କଥା)

ମେସୁଆନେ ସାମୁଆ, ମୁଇଁଗ ଇନିନ୍ତୁଗ ମୁଇଙ୍ ରେମୁଆ ବିରି ନ୍ତୁଗ୍ ଲିଜ ଉର୍ ଓ୍ୱେମିଆକେ । କଣ୍ଡା ନ୍ତୁଗ୍ କୁମୁଡା, ଜନା, କାର୍ଲା, ଗିବେ ଆରି ଅଲଗା ଅଲା ନେ ମା ଇକି ଉଙ୍ବଗେ । ଆତେନ ଗାଲି ତୁଗ୍ ମୁଇଙ୍ ରାକ୍ଷାସ୍ନି ଦିନକେ ଓ୍ୱେଏ । ଆତ୍ ଉଙ୍ଗବକ୍ନେ 'ସଲ କେଛେ ଜାବର ମ୍ଲେଡ଼ିଆ କେ । ମେ ତାନା ଆରାତ୍ରା କଲେକ୍ନେ ଗଡେଓକେ ବାସଙ୍କେ କୁମୁଡା ଆରି ଜନା ବିଲା । ବାଲିର୍ କେ ରେ ଗଡ଼େଅ ଆନେଙ୍ଗ୍ ବେସି କେଡ଼େସ ଡିଙ୍କେ । ଆନେଙ୍ଗ ଚଙ୍ନେ ଲା ଚଙ୍ ନେ ବିଲା । ରେମୁଆ ତାନା ଆଡ଼ା ଜାଇକେ ଆରି କୁମୁଡା ଆରି ଜନା ଚଙ୍ସା ବିକେ । ଓ୍ୱେକେନ ବେଲା ରାକ୍ଷାସନୀ ଆମେକେ ସାଃ ଛେ ଲାଗଡଗେ । ଗାଲି ନ୍ତୁଗ ଆମେକେ ବାସଙ୍କେ ନେଙ୍ଗ୍ ଆନା ଞଙ୍ ଏଁ । ଏକେନ୍ ବ୍ନାଲିର ଓଁ ଛେ ରେମୁଆ ଜବର ବୁଟକେ ଆରି ଡୁଡଇଂସା ବୁଦ୍ଧି ପାଞ୍ଚେକେ । ଡକରି କେ ଜାବର ଉଗ୍ଡିଆ ଡଃ କେ ।



ପ୍ରତିଦିନ ଲୋକଟିଏ ତାର ଡଂଗରକୁ ଫସଲ ଜଗିବାକୁ ଯାଏ । ଡଂଗର ମଧ୍ୟରେ କୁମୁଡ଼ା, ଜହ୍ନି, କଲରା, ବୋଇତାଳୁ, ଝୁଡୁଙ୍ଗ ଇତ୍ୟାଦି ଲଗାଇଥିଲା । ସେହିବାଟେ ଗୋଟିଏ ଅସୁରୁଣୀ ପ୍ରତିଦିନ ଯାଏ । ଫସଲ କିଆରୀ ଦେଖିକରି ତା'ର ଭାରି ଲୋଭ ହେଲା । ସେ ମଂଚା ଉପରେ ବସିଥିବା ଲୋକଟିକୁ କୁମୁଡ଼ା ଓ ଜହ୍ନି ମାଗିଲା । କହିଲା, ରେ ପୁଅ ମୋତେ ଭାରି ଭୋକ ହେଉଛି । ତୁ ମୋତେ ଜହ୍ନି ଆଣି ଖାଇବାକୁ ଦେ । ଲୋକଟି ମଂଚାରୁ ଓହ୍ଲାଇ ତାକୁ କିଛି ଜହ୍ନି ଓ ଝୁଡୁଙ୍ଗ ଆଣି ଖାଇବାକୁ ଦେଲା । ଏତିକିବେଳେ ଅସୁରୁଣୀ ତାକୁ ଟେକିନେଇ ପଳାଇଲା । ବାଟରେ ତାକୁ କହିଲା "ମୁଁ ତତେ ଖାଇବି" । ଏକଥା ଶୁଣି ଲୋକଟିକୁ ଭୀଷଣ ଭୟ ଲାଗିଲା । ସେ ଖସିବାର ଉପାୟ ପାଞ୍ଚିଲା । ଅସୁରୁଣୀ ବୁଢ଼ୀକୁ ଭୀଷଣ ଶୋଷ ଲାଗିଲା ।

ମେ ଆତେନ ଲିଗିଇଙ୍ ଲେକ୍ନେ ଆଲ ବଛେ ଣ୍ଡିଆ ଉଗ୍ ଇଂସା ୱେ୍ୱକେ । ୱେ୍ୱତେନ୍ ବେଲା ରେମୁଆ ଡିରକମ୍ ଡିଙ୍ ଛେ ଆତ୍ ଭିତ୍‌ରେ ବିରି ବଛେ ଲାଗ୍ ଡକେ । ଡକରି ରାକ୍ଷାସ୍‌ନୀ ଡୁଆ ୱେ୍ୱକେଲା ଡୁଆ ଣ୍ଡୁ । ଆରି ମେସୁଆ ଆତୁଆ ୱେ୍ୱଛେ ଆତେନ୍ ରେମୁକେ କୁମୁଡା ସିଲିଆକେ । ଆତେନ୍ ରେମୁଆ ଆରି କୁମୁଡା ବିକ୍ନେ ବେଲା ଆମେକେ ସାଃ ଛେ ଲାଗ୍‌ଡକେ । ରେମୁଆ ଆମେକେ ଉଡ଼ି ବାସଙ୍ଗଲା ଣ୍ଡିଗ୍ ଆମେକେ ଆହାନ୍ତାର୍‌କେ ଣ୍ଡୁ । ରେମୁଆକେ ଡୁଙ୍ ୱେ୍ୱଛେ ମେନେ ଉଙ୍ଗଡ଼େ କେ ଆରି ଉଙ୍‌ଡ଼େ କେ ବାସଙ୍କେ, ଆକେନ ରେମୁଆକେ ସାହା ଲାଲ । ନେଙ୍ଗ କୁମାଚେ ଙଇଗ୍‌ଏଁ । ୱେ୍ୱକେନ ବାସଙ୍ଗନେ ଡକରି ଆଣ୍ଡିଆ ଲାଗଡଗେ ।



ସେ ବୋଝଟିକୁ ତଳେ ରଖି ପାଣି ପିଇବାକୁ ଗଲା । ସେତିକିବେଳେ ଲୋକଟି କୌଶଳ କରି ବୋଝ ଭିତରେ କିଛି ପଥର ରଖିଦେଲା ଏବଂ ନିଜେ କୌଣସି ଉପାୟରେ ଖସି ପଳାଇଆସିଲା । ବୁଢ଼ୀ ଅସୁରୁଣୀ ଘରେ ଯାଇ ଦେଖିଲା ବେଳକୁ ଲୋକଟି ନାହିଁ । ଆଉଦିନେ ସେହି ଜାଗାକୁ ଯାଇ ସେ ଲୋକଟିକୁ କୁମୁଡ଼ା ମାଗିଲା । ସେହି ଲୋକ ପୁଣି କୁମୁଡ଼ା ଦେଲାବେଳେ ତାକୁ ଧରିନେଇ ପଳାଇଲା । ଲୋକଟି ବାଟରେ ଯେତେ କାକୁତି ମିନତି ହେଲା, ଅସୁରୁଣୀ ବୁଢ଼ୀ ତାକୁ ଛାଡ଼ିଲା ନାହିଁ । ଲୋକଟିକୁ ନେଇ ସେ ତା ଝିଅକୁ ଦେଲା ଏବଂ କହିଲା, ଝିଅ ଏହି ଲୋକଟିକୁ ରଖ, ମୁଁ ଗାଧୋଇ କରି ଆସେ । ଏହା କହି ବୁଢ଼ୀଟି କେଉଁଆଡ଼େ ପଳାଇଲା ।

ପିଲାଙ୍କ କଥା

**ଆତେନ ସେଲାଓ ରେମୁଆକେ ଦୟା ଡିଙ୍କେ । ମେଁ ଆମେକେ ମୁଇଙ୍ ଗୁମ୍ପା ଭିତରେ ପଚିଆଚେ ବକେ । ଆଁମେ ଚଙ୍ଗନେ ଣ୍ଡିଗ୍ ଡୁଙ୍ଗ୍ ଓ୍ୱେ ବି ଡିଙ୍ଗ୍‌ଗେ । ଓ୍ୱେତେନବେଲା ରାକ୍ଷାସ୍‌ନୀ ପିଞ୍ଚାକେ ଆରି ସିଲିଆ କୁକ୍ କେ । ଗଡ଼େ ଆତେନେ ରେମୁଆ ଆଣ୍ଡି ଓ୍ୱେଗେ । ଗଡ଼େଓ ବାସଙ୍କେ, ନେଙ୍ଗ୍ ନାଃମିଆକୁ ଣ୍ଡୁ । ଡିରୁକମ ନା ଆତେ ଲେଏଗେ ଆଣ୍ଡି ଓ୍ୱେଗେ ? ଡକରି ଆତେନେ ରେମୁଆକେ ଥୁର୍ ଇଂସା ତାରକେ । ଗଡେଅ ଦିନକେ କଣ୍ଡାନେ ଇଲା ଆଣ୍ଡେଙ୍ଗ୍ ବିମିଆକେ । ଦେଖ ରକମ ରେମୁଆ କାଳାଆ ଗୁମ୍ପା ଭିତ୍‌ରେ ଚଙ୍ଗ୍ ଉଗ୍‌ଚେ ଲେଏ ଡିଙ୍ଗ୍‌ଗେ ।**



ଝିଅଟିର ଲୋକଟି ପ୍ରତି ଦୟା ହେଲା । ସେ ତାକୁ ନେଇ ଗୋଟିଏ ଗୁମ୍ଫା ମଧ୍ୟରେ ଲୁଚାଇ କିଛି ଖାଦ୍ୟ ଦେଇ ଆସିଲା । ସେତିକିବେଳେ ବୁଢ଼ୀ ଅସୁରୁଣୀ ଆସି ପହଂଚି ପଚାରିଲା, "ଝିଅ ସେହି ଲୋକଟି କୁଆଡ଼େ ଗଲା ?" ଝିଅ କହିଲା, ମୁଁ ଜାଣିବି କିପରି ? ସିଏ ତୋ ସାଥିରେ ତ ଗଲା କି କେଉଁଆଡ଼େ ଗଲା । ବୁଢ଼ୀ ସେ ଲୋକଟିକୁ ଖୋଜିବାକୁ ବାହାରିଲା । ଝିଅଟି ପ୍ରତିଦିନ ଲୋକଟିକୁ ଜଙ୍ଗଲର ଫଳମୂଳ କନ୍ଦା ଇତ୍ୟାଦି ଖାଇବାକୁ ଦିଏ । ଏହିପରି ପ୍ରତିଦିନ ଲୋକଟି ଗୁମ୍ଫା ମଧ୍ୟରେ ଆରାମରେ ଖାଇ ପିଇ ରହିଲା ।

କାଳାଆ ଓ୍ୱେ ଓ୍ୱିର୍ ଡିଙ୍ଗ୍ ଡିଙ୍ଗ୍‌ଗେ ଆତେନକାଳା ସେଲା ଆତେନ୍ ରେମୁଆ ଆଃତେ କୁଡ଼େଛେ ଲେଏଗେ । ଉଡିସି ଉଡିଙ୍ଗ୍ ସେଲା ଲେ ପଟ୍ର ଓ୍ୱେକେ । ଏକେନେ କେ ଛେ ଡକରି ଜବର ଗିସେକେ । ବାସଙ୍ଗକେ ଆନା ଦେକ୍‌କେ ଯା ଡିଙ୍ଗକେ ସତ୍ ବାଲିର୍ । ତେଲାଲେ ଆତେନ୍ ସେଲାମ୍ୱେଏ ମେଣ୍ଡିର୍ ଆଡାକ୍‌କେ । କାଳାଆ ସେଲାମ୍ୱେଏ ଆଣ୍ଡି ଓ୍ୱେଲା ଣ୍ଡିର୍ ଡକରି ପ୍ଲା ପ୍ଲା ଡିଙ୍ଗ୍ ମିଆକେ ମେସୁଆ ମେଁନେ ପ୍ଲା ପ୍ଲା ଓ୍ୱେକେ । ଆକେନେ କେଛେ ସେଲାମ୍ୱେଏ ଡକରିକେ ଗୁମ୍ପା ଆରାତାରା ଟମେକ୍ ବିକେ ତେଲାଲେ ଡକରି ଗୁନଲେ ଗୁନଲେ ଚେ ଗୁଏଓ୍ୱେକେ । ଆତ୍ ଆଡ଼ା ରେମୁଆକେ ବାହାରେ ଆଃତାର କେ ଆଃତାର କେ । ଆତ୍ ଆଡ଼ା ମ୍ୱାୟା କୁଡ଼େ ମାଡ଼େ ଛେ ସାର୍‌ଦାରେ ଲେଏ ଆର୍‌ଗେ । ସ୍ଲେ ଗ୍ନାର୍ ଛେ ଆରାମ୍‌ରେ ବୃଆ ଆର୍‌କେ ।



ପ୍ରତିଦିନ ଯିବା ଆସିବାବେଳେ ଝିଅଟି ସେହି ଲୋକ ସହିତ ମିଳାମିଶା କଲା । କିଛିଦିନ ପରେ ଝିଅଟିର ଗର୍ଭବାସ ହେଲା । ଏକଥା ବୁଢ଼ୀ ଜାଣିପାରିଲା ଏବଂ ଝିଅ ଉପରେ ରାଗ (ରିସା) କଲା । କହିଲା, "ଝିଅ, ତତେ ଏପରି ଅବସ୍ଥା କିଏ କଲା ସତ କହ" । ହେଲେ ଝିଅଟି କିଛି କହିଲା ନାହିଁ । ପ୍ରତିଦିନ ଝିଅଟି କୁଆଡ଼େ ଯାଏ, ବୁଢ଼ୀ ଲକ୍ଷ୍ୟ କଲା । ଦିନେ ତା ପଛରେ ଗଲା । ଏକଥା ଝିଅ ଜାଣିପାରି ଗୁମ୍ଫା ଉପରୁ ବୁଢ଼ୀକୁ ପେଲିଦେଲା ଯେ ବୁଢ଼ୀ ତଳେ ଗଡ଼ିଗଡ଼ି ପଡ଼ି ମରିଗଲା । ସେହଦିନ ଠାରୁ ଲୋକଟିକୁ ଝିଅ ପଦାକୁ ଆଣିଲା । ଦୁହେଁ ମିଳିମିଶି ଖୁସିରେ ରହିଲେ । ଚାଷ କରି ଆରାମରେ ଚଳିଲେ ।

ପିଲାଙ୍କ କଥା

# ସୋଂ ରାଜା ସୋଂ ରାଣୀ ଉସ୍ରା (ରାଜା ରାଣୀ କଥା)

ମୁଇଙ୍ ଦେଶ ଯାବର ଇଂସୋ ସ୍ଲା ଲେଏଗେ । ଆତେନ ଇଁସା ଆତେନ ଦେଶ ନେ ରାଜା ଓ ରାଣୀ କେ, କଦଳୀ ରାଜା ଓ କଦଳୀ ରାଣୀ ଡାକଚେ ବାସଙ୍ ମିଆ ଆର୍‌କେ । ମେସୁଆ ରାଜା କୋଃ ପାର ପାର ଲେଃ ଓ୍ୱେଗେ । ରାଣୀ ଡୁଆ କ୍ଷିରିବୋ ଚଙ୍‌ଡିଙ୍‌ଗେ । ଓ୍ୱେକେନ ବେଲା ଗିଗିଆଲେ କା କା ଡାଗ୍‌ଛେ ରାଣୀ ନ୍ତୁଗ୍ ପାକେଂ । ରାଣୀକେ ଇକୁଡ଼ା କ୍ଷିରି ବୋ ସିଲିଆ କେ । ତେଲା ଲେ ରାଣୀ ଇକୁଡ଼ା କ୍ଷିରିବୋ ସିଲିଆ କେ । ତେଲା ଲେ ରାଣୀ ଇକୁଡା ଣ୍ଡିଗ୍ ଆବିକେ ଣୁ । ସର୍‌ତେ କ୍ଷିରି ବୋ ଚଙ୍‌ବିଗେ । ଗିଗିଆ ଲେଃ କେଡେସଃ ଆ ଡୁଆ ଓ୍ୱିକ୍‌କେ । ଡୁଆ ଭଂଗିଗିଆ ଇଙ୍ ହ ଡିଙ୍ ଆରକେ ।



ଗୋଟିଏ ଦେଶରେ ପ୍ରଚୁର କଦଳୀ ଚାଷ କରାଯାଉଥିଲା । ସେଥିପାଇଁ ସେହି ଦେଶର ରାଜା ଓ ରାଣୀଙ୍କୁ କଦଳୀ ରାଜା ଓ କଦଳୀ ରାଣୀ କୁହାଯାଉଥିଲା । ଦିନେ ରାଜା ରାଜଦରବାରକୁ ଯାଇଥିବା ବେଳେ ରାଣୀ ଘରେ କ୍ଷୀର ଭାତ ଖାଉଥିଲେ । ଏତିକିବେଳେ କାଉଟିଏ କା' କା' କରି ରାଜଉଆସ ଆଡ଼େ ଆସିଲା । ରାଣୀଙ୍କୁ କିଛି କ୍ଷୀର ଭାତ ମାଗିଲା । ହେଲେ ରାଣୀ ତାକୁ ଆଦୌ ଦେଲେ ନାହିଁ । ସବୁ କ୍ଷୀର ଭାତ ଖାଇଦେଲେ । କାଉଟି ଭୋକରେ ଘରକୁ ଫେରିଗଲା । ଘରେ ତା'ର ଛୁଆମାନେ ରଡ଼ି କରୁଥିଲେ ।

ଡିଆ ଗିଗିଆ ୱେ୍ଚେ ବାସଙ୍କେ, ଲାଲା ପା ନେଙ୍ଗ୍ ପେ ଆତ୍ଲା ରାମ ଚୁଟୁ ଡୁଙ୍ଗ୍ ପାଙ୍ଗ୍ ମ୍ନିଏ । ୱେ୍କେନ୍ ବାସଙ୍ଗଚେ ସ୍ଲୋ କଣ୍ଡା ୱ୍ୱାଲେ ଡଗେ । ଜାବର ସ୍ଲୋ ଡୋ ଛେ ରାମଚୁଟୁ ରୁଏ ରାଙ୍ଗ୍ ୱି୍କ୍କେ । ଗିଗିଆ ମେ ଉଂଡ଼େ ଇଙ୍କେ ଆଚଙ୍ଗ୍ କାଲା ରାଣୀ ଆଡେନ ଚୁଟୁକେ କେଏକେ । ରାମ ଚୁଟୁ ଚଙ୍ଗ୍ଇଂସା ଜାବର ମ୍ଲେଡ଼ିଆକେ, ରାଣୀ ଗିଗିଆ କେ ବାସଙ୍ଗ୍ ଚେ ସିଲିଆ କେ, ହେଲେ ଗଗିଆ ବାସଙ୍ଗ୍କେ ନେଙ୍ଗ୍ ଉଡ଼ିବେଲା ଆନାକେ କ୍ଷିରି ବଲେ ଇଂସିଲିଆ କେ ଡେଲା ନା ନାଃ ବିକେ । ଏବେ ନେଙ୍ଗ୍ ଡି ରକମ୍ ଆନାକେ ମ୍ନିଏ । ୱେ୍କେନେ ବାସଙ୍ଗ ଛେ ଗିଗିଆ ରାଣୀକେ ବେବିକେ ।



ମାଆ କାଉ ଯାଇ କହିଲା, ରୁହ ମୁଁ ତୁମ ପାଇଁ ରାମଫଳ ଆଣିଦେବି । ଏହା କହି ଦୂର ଜଙ୍ଗଲକୁ ଉଡିଗଲା । ବହୁତ ଦୂରକୁ ଉଡ଼ିଯାଇ ରାମଫଳ ତୋଳି ଆଣିଲା । କାଉ ତାର ପିଲା ମାନଙ୍କୁ ରାମଫଳ ଖୁଆଉଥିବା ବେଳେ, ରାଣୀ ସେହି ଫଳଟିକୁ ଦେଖିଲେ । ରାମଫଳ ପ୍ରତି ଆକୃଷ୍ଟ ହୋଇ ରାଣୀ କାଉକୁ ମାଗିଲେ ହେଲେ କାଉ କହିଲା, ମୁଁ ଯେତେବେଳେ ତୁମକୁ କ୍ଷୀର ଭାତ ମାଗିଲି ତୁମେ ଦେଲନାହିଁ । ଏବେ ମୁଁ ତୁମକୁ କିପରି ରାମଫଳ ଦେବି । ଏହା କହି ରାଣୀଙ୍କୁ ସେ ଫେରାଇଦେଲା ।

ପିଲାଙ୍କ କଥା

# ମୁଇଙ୍ ଡକରା ଡକରି ଉସ୍ରା (ବୁଢ଼ା ବୁଢ଼ୀ କଥା)

ମୁଇଙ୍ ଇନି ଡକରା ଡକରି ବୃଆ ଡିଙ୍ ଆର୍‌ଗେ । ଆତେନ୍ ଇନି ଡକରା ଦିନ୍‌କେ ଆଃଡ଼ୁ ସାଃ ଓ୍ୱେ ମିଆକେ । ଦେଖ ରକମ କାଲାଆ ଲଣ୍ଡିଆ ଆଡ଼ା ଆଃଡ଼ ଡୁଙ୍ ଓ୍ୱିକ୍ ମିଆକେ । ମ୍ଭାୟା ସାର୍‌ଧାରେ ବୃଆ ଡିଙ୍ ଆର୍ ଗେ । ମେସୁଆ ଲଣ୍ଡିଅ ନ୍ତୁର୍ ଜାଲ ତ୍ଲାଗ୍ ତ୍ଲାଗ୍ ମୁଇଙ୍ କୁଟିଆ ତୁକ ସାଃ ଓ୍ୱେକେ । ଡକରା ଊଃଡ଼ି ଗୁଲାଣ୍ଡିଗ୍ ଆପାଙ୍କେ ଣ୍ଡୁ । ସାରା ସାରି କାଲା ତେପିଆ ଜାଲ ତେକ୍‌ପିଆ ଓ୍ୱେକେ ।



ଗୋଟିଏ ଗାଁରେ ବୁଢ଼ା ବୁଢ଼ୀ ଦୁଇଜଣ ବାସ କରୁଥିଲେ । ସେ ଗାଁରେ ବୁଢ଼ା ପ୍ରତିଦିନ ମାଛ ଧରିବାକୁ ନଦୀକୁ ଯାଏ । ଏମିତି ପ୍ରତିଦିନ ନଦୀରେ ଜାଲ ପକାଇ ମାଛ ଆଣେ । ଦୁହେଁ ସୁଖରେ ଚଳନ୍ତି । ଥରେ ନଦୀରେ ଜାଲ ପକାଉ ପକାଉ ଜାଲଟି ଗୋଟିଏ ଖୁଂଟରେ ଲାଗିଗଲା ବୁଢ଼ା ଯେତେ ଟାଣିଲା ଆସିଲା ନାହିଁ । ଶେଷର ଜାଲଟି ଅଧାରୁ ଛିଣ୍ଡିଗଲା ।

ଡକରା ଦୁଃଖରେ ଡୁଆ ଓ୍ୱିକ୍‌କେ । ଡକରି ସିଲିଆ କୁକ୍‌କେ ମେଁ ଡିଙ୍‌ଗେ ? ଡକରା ବାସଙ୍ଗକେ ଲଣ୍ଡିଆ ନ୍ତୁର୍ ମୁଇଙ୍‌ ମଙ୍ଗର ଲେଏକେ । ଜାଲ ତେପିଆ ତେକଛି ଟଙ୍‌ ବିଗେ । ଡକରି ବାସଂକେ, ନା ଆରି ଆଃଡ ସାଃ ଆଓ୍ୱେଗେ ଲେ ଓ୍ୱେ ଦରକାର ଣ୍ଡୁ । ନେଃ ସାର୍‌ଦାରେ ଟଙ୍‌ ଭଃଗ୍‌ଛେ ନେଲେଏ । କଣ୍ଡା ନେସ୍ଲେ । ଆଡ଼୍ ଆଡ଼ା ଡକରା ମଙ୍ଗର କେ ବୁଟ ଛେ ଲଣ୍ଡିଆ ଆରି ଆଓ୍ୱେକେ ।



ବୁଢ଼ା ମନ ଦୁଃଖରେ ଘରକୁ ଫେରିଲା । ବୁଢ଼ୀ ପଚାରିଲା, କଣ ହେଲା ? ବୁଢ଼ା ଉତ୍ତର ଦେଲା, ନଦୀକୁ ଗୋଟିଏ କୁମ୍ଭୀର ଆସିଛି, ଜାଲ ଅଧାରୁ କାଟି ନେଇଗଲା । ବୁଢ଼ୀ କହିଲା, ତା'ହେଲେ ତୁମେ ଆଉ ମାଛ ପାଇଁ ଯିବା ଦରକାର ନାହିଁ । ଆମେ ଡଂଗର ଚାଷ କରିବା । ଖୁସିରେ ଘରେ ରହିବା । ସେହିଦିନ ଠାରୁ ବୁଢ଼ା କୁମ୍ଭୀରକୁ ଡରି ନଦୀକୁ ଗଲା ନାହିଁ ।

ପିଲାଙ୍କ କଥା


# ରାଜା ଡିଙ୍ଗ୍‌ଛେ ରାଣୀ ଲେଏଗେ (ରାଜା ଓ ରାଣୀ କଥା)

ମୁଇଙ୍ଗ୍ ଦେଶ ରାଜା ଡିଙ୍ଗ୍‌ଛେ ରାଣୀ ଲେଏଗେ । ଆଡ଼ୁ ଅରିଆ ମ୍ନା ରାଜା ଶାସନ ଡିଙ୍ଗ୍ ଡିଙ୍ଗଗେ । ରାଜାନେ ମ୍ବାକ୍ଲି ରାଣୀ ଲେଏଗେ । ମୁଇଙ୍ଗ୍ ଜାନେ ମିନି କୌଶଲ୍ୟା ଆରି ମୁଇଜା ନେ ମିନି ସାବିତ୍ରୀ । ଡାଆଁନେ ରାଣୀ ଡୁଆ ନେ କାମ ସରତେ ମେଁ ହାଃ ଡିଙ୍ଗଏ । କୌଶଲ୍ୟା ଇକୁଡ଼ା ଡିଗ୍ କାମ ଆଡ଼ିଙ୍ଗ୍ ଣ୍ଡୁ । ମେସୁଆ ସାବିତ୍ରୀ କାମ ସରତେ ଆଲୁଗ୍‌ଛେ ବାହାରେ ତାର ଓ୍ୱେକେ । ଆକେନ୍ ଖେ ଛେ କୌଶଲ୍ୟା ରାଣୀ ରାଜାକେ ବାସଙ୍ଗ ବିକେ । ରାଜାଂ ଜାବରେ ଗିସେଛେ ସାବିତ୍ରୀ ରାଣୀ କେ ଦେଶ୍ ବାହାରେ ନୁଆବିକେ । ସାବିତ୍ରୀ ବାହାରେ ଅଲେଙ୍ଗ୍ ଅଲେଙ୍ଗ୍ ମୁଇଙ୍ଗ୍ ଡକରା ନେ ଡୁଆ ନ୍ତୁକ୍ କଃ କେ । ଉଡ଼ିସି ଓ୍ୱେକେନେ ଇଡ଼ିଙ୍ଗ ମେଃନେ ଗଡେଅ ମୁଇଙ୍ଗ୍ ଡିଙ୍ଗ୍‌କେ । ମେଃନେ ମିନି ଲେଏଗେ ଆମରେନ୍ଦ୍ର ।



ଗୋଟିଏ ଦେଶରେ ବିରାଟ ନାମକ ରାଜା ଶାସନ କରୁଥିଲେ । ତାଙ୍କର ଦୁଇଜଣ ରାଣୀ ଥିଲେ, ଜଣଙ୍କ ନାମ କୌଶଲ୍ୟା, ଅନ୍ୟ ଜଣେ ସାବିତ୍ରୀ । ସାନ ରାଣୀ ଘରର ସବୁ କାମ ଧନ୍ଦା କରନ୍ତି । କୌଶଲ୍ୟା ଆଦୌ କାମ କରନ୍ତି ନାହିଁ । ଦିନେ ସାବିତ୍ରୀ କାମ ଦାମ ସାରି ବାହାରେ ବୁଲିବାକୁ ଯାଇଥିଲେ । ଏକଥା କୌଶଲ୍ୟା ରାଜାଙ୍କୁ ଜଣାଇଦେଲେ । ରାଜା ରାଗରେ ସାବିତ୍ରୀକୁ ଦେଶରୁ ତଡ଼ିଦେଲେ । ସାବିତ୍ରୀ ବାହାରେ ଚାଲି ଚାଲି ଏକ ବୁଢ଼ାର ଘରେ ଆଶ୍ରୟ ନେଲେ । ସେଠାରେ, ସେ ଦୁଃଖ ଧନ୍ଦା କରି ବଂଚିଲେ । କିଛିଦିନ ପରେ ତାଙ୍କର ଗୋଟିଏ ପୁଅ ହେଲା, ତାର ନାମ ରହିଲା ଅମରେନ୍ଦ୍ର ।

ଆଙ୍କେ ଡିଗ୍ କୌଶଲ୍ୟାନେ ଉଂଗ୍‌ଡ଼େ ଡିଙ୍କେ ମେଃ ମିନି ଗଗନ । କୌଶଲ୍ୟା ରାଜଦରବାରରେ ଲେଏଛେ ମେଃନେ ଉଂଙ୍‌ଡ଼େ କେ ରାଜା ଆଃଣ୍ଡିଙ୍‌ସାଃ ଚେଷ୍ଟା ଡିଙ୍‌ଙ୍ଗେ । ମେସୁଆ ମିଡିଗ୍ ସାବିତ୍ରୀ ରାଜାକେ ମୁସୁଡିଙ୍ ନ୍ତୁଗ୍ ବାସଙ୍‌କେ, ଦେଖ ରକମ୍ ମୁଇଙ୍ ସ୍ଲା ବିଷୟରେ ମିଆ ପଡ଼େଏ । ଆଣ୍ଡିନେ ସ୍ଲା ନ୍ତୁଗ୍ ସାରି ସାଚେ ଚୁଚୁ ସାଃଲେଏ । ଆରି ସାରି ଚୁଚୁ ମୁଇଙ୍ ଥରକେ ଲଃଏ । ଦେଖ ରକମ୍ ସ୍ଲାକେ ରାଜା ମିଆ ଆଲେଗେ ଣ୍ଡୁ । ଆତେନ୍ ଇଡିଙ୍ ଦିନ୍ ଇଂଜିର୍ ରାଜ୍ୟନେ ସରତେ ରେମୁଆଇଙ୍କେ ଓ୍ୱାକେ । ଦେଖ ରକମ ସ୍ଲା ଡୁଙ୍ ପାଙ୍ ସାଃ ବାସଙ୍‌ଙ୍କେ । ରାଜ୍ୟଯାକ ଡୁର୍ ଆଲେଙ୍ ଆରକେ । ରାଜ୍ୟନେ ଗାଦ୍‌ଦି ଗାଦ୍‌ଦି ସନ୍ୟ ଇଙ୍ ତାର୍ ଆର୍‌କେ ।



ଏଣେ କୌଶଲ୍ୟାଙ୍କର ମଧ୍ୟ ପୁଅଟିଏ ହେଲା, ତାର ନାମ ଗଗନ । କୌଶଲ୍ୟା ରାଜ ଦରବାରରେ ରହି ନିଜ ପୁଅ ଗଗନକୁ ରାଜା କରିବାପାଇଁ ଚେଷ୍ଟା କରୁଥିଲେ । ଦିନେ ରାତିରେ, ସାବିତ୍ରୀ ରାଜାଙ୍କୁ ସ୍ୱପ୍ନରେ କହିଲେ, ଏପରି ଏକ ଗଛ ବିଷୟରେ ରାଜା ଜାଣିବା ଦରକାର, ଯେଉଁ ଗଛରେ ଏକ ସମୟରେ ଫୁଲ୍, ଫୁଟୁଛି, ଫଳ ବି ଧରୁଛି ଏବଂ ଫୁଲ ଓ ଫଳ ଏକ ସମୟରେ ପଡୁଥିବ । ଏପରି ଗଛ ରାଜା ଜାଣିନଥିଲେ । ତହିଁ ପରଦିନ ସକାଳୁ ରାଜା ରାଜ୍ୟର ସବୁଲୋକଙ୍କୁ ଡକାଇ ଏପରି ଗଛ ଖୋଜି ଆଣିବା ପାଇଁ କହିଲେ । ରାଜ୍ୟଯାକ ଲୋକ ଖୋଜିଗଲେ । ରାଜ୍ୟରୁ ବଛା ବଛା ସୈନ୍ୟ ମଧ୍ୟ ବାହାରି ପଡ଼ିଲେ ।

ପିଲାଙ୍କ କଥା

**ପିତୁର୍ ପାକା ତୁର୍ ଆର୍କେ ଆଣ୍ଡି ଣ୍ଡିଗ୍ ଆମିଲେକେ । ସାରାସାରି ସାବିତ୍ରୀ ଆଣ୍ଡିନେ ଇନି ଲେଏ ଡିଙ୍ଗେ ଆତେନେ ଇନିତୁକ ରେମୁଆ ଇଙ୍ଗ୍ ଓ୍ୱେଚା ଆର୍କେ । ପେଏ ଆଣ୍ଡି ପାକା ପାଙ୍ଗ୍ ପେଲେଏ ? ମେ ଇଙ୍ଗ୍ ବାସଙ୍ଗ୍କେ, ନେଃ ଦେଶ ନେଃ ରାଜା ବାସଙ୍ଗ ବଃକେ ଦେଖ ରକମ୍ ସ୍ଲା ଡୁଙ୍ଗ୍ ପାଙ୍ଗଲା ପା ଡାକଛେ ବାସଙ୍ଗ ବଃକେ ଆଣ୍ଡିନେ କି ମୁଇଙ୍ଗ୍ କାଳାଆ ସାରି, ଚୁଟୁ ଏଁ ଡିଙ୍ଗଏଁ । ଏକେନ୍ ସ୍ଲା ଆଣ୍ଡି ଅରିଆ ନେବାଏ ? ଆତେନ୍ ହଁ ଛେ ସାବିତ୍ରୀ ନେଃ ଉଁଡ଼େ ସ୍ଲା ତୁର୍ ନେ ଲାଗେକେ ଆମେନ୍ଦ୍ର ନିଜେ ଓ୍ୱେ ଚେ ଆତେନ୍ ସ୍ଲା ଡୁଙ୍ଗ୍ ଓ୍ୱିକେ । ଆରି ରାଜାକେ ବିଃକେ । ରାଜା ଲେ ଅମରେନ୍ଦ୍ର ନେ ସାପା ସିଲିଆ କୁକ୍ କେ ଇଡିଙ୍ଗ୍ ମେ ନ୍ତୁଗ୍ ହାଃ ମାୟାକେ ଯାକ ଓ୍ୱାରାଙ୍ଗ୍ ଓ୍ୱିକ୍କେ । ଆତେନ୍ ଇଡିଙ୍ଗ୍ କୌଶଲ୍ୟାକେ ଦେଶ ଆଡ଼ା ନୁଆ ବିକେ ।**



ଚାରିଆଡ଼େ ଖୋଜା ଖୋଜି କରି କେଉଁଠି ପାଇଲେ ନାହିଁ । ଶେଷରେ, ସାବିତ୍ରୀ ଯେଉଁ ଗ୍ରାମରେ ଆଶ୍ରୟ ନେଇଥିଲେ, ସେହି ଗ୍ରାମରେ ଲୋକମାନେ ପହଂଚିଲେ । ତୁମ୍ଭେମାନେ କୁଆଡ଼େ ଆସିଅଛ ? ସେମାନେ କହିଲେ, ଆମ ଦେଶର ରାଜା କହିଛନ୍ତି, ଏପରି ଏକ ଗଛ ନେବାପାଇଁ ଯେଉଁଥିରେ ଏକସମୟରେ ଫୁଲ ଫୁଟିବ, ଫଳ ଫଳିବ  ଓ ଫୁଲ ଫଳ ଏକ ସମୟରେ ପଡ଼ିବ । ଏହିଗଛ ଆମ୍ଭେ ପାଇବୁ କେଉଁଠୁ ? ତାହା ଶୁଣି ସାବିତ୍ରୀଙ୍କ ପୁଅ ଗଛର ସନ୍ଧାନ ଦେଲା । ନିଜେ ଅମରେନ୍ଦ୍ର ସେଠାକୁ ଯାଇ ସେହି ଗଛ ନେଇ ଆସିଲା ଏବଂ ରାଜାଙ୍କୁ ଦେଲା । ରାଜା ଅମରେନ୍ଦ୍ର ପରିଚୟ ଜାଣିବା ପରେ ନିଜ ପାଖକୁ ସାବିତ୍ରୀ ଓ ଅମରେନ୍ଦ୍ରଙ୍କୁ ନେଇଗଲେ । ଉଦ୍ଧତ କୌଶଲ୍ୟାକୁ ରାଜ୍ୟରୁ ତଡ଼ିଦେଲେ ।

# ଦଶରଥ ଞ ଭଲ୍‌ଡିଙ୍ଗେ (ଦଶରଥ ଭଲ ହେଲେ)

ପାତ୍ରପୁଟର ଦଶରଥ ଗୌଡ଼ ବିବା ଭୋଜ ଚଙ୍ଗ୍ ଚେ ମିଡ଼ି ବୋ ଡୁଆ ଓ୍ୱିଗ୍ ଡିଙ୍ଗେ । ଗାଲିବ ଓ୍ୱିକ୍‌କେନେ କାଲା ରାଚିଆ ନ୍ତୁଗ୍ ବରଗଛ ଆଡ଼ା ଜବର ଫଡ଼ଫଡ଼ ଡିଙ୍ଗ୍‌କେନେ ହଁ କେ । ଦଶରଥ ବୁଟଓ୍ୱେକେ ଆରି ମେନେ ଗାଗ୍‌ଡ଼େ ଯୁର୍ କେ । ମେଁ ଡୁଆ ଓ୍ୱିକ୍ କାଲାଆ ଲୁଆର୍ ବଏ ଡିଙ୍ଗ୍‌ଗେ । ମେଁନେ ଚେତା ଲାଗଡଲା ରେମୁଆଇଙ୍ଗ୍ ଦଶରଥକେ ପାଙ୍ଗନିଆ ନି ସାଃଲେ । ଆରି ଡିସାରୀକେ ଓ୍ୱାଆର୍‌କେ ।



ପାତ୍ରପୁଟର ଦଶରଥ ଗୌଡ଼ ବାହାଘର ଭୋଜି ଖାଇ ରାତି ଅଧରେ ଘରକୁ ଫେରୁଥିଲା । ବାଟରେ ଆସିବାବେଳେ ମଶାଣି ପାଖ ବରଗଛରୁ ଜୋର୍‌ରେ ଫଡ଼ଫଡ଼ ଶବ୍ଦ ଶୁଭିଲା । ଦଶରଥ ଡରିଗଲା ଏବଂ ତା ଦେହ ଥରି ଉଠିଲା । ସେ ଘରକୁ ଫେରିଲାବେଳକୁ ଦଶରଥ ଝାଡ଼ା ବାନ୍ତିରେ ପୀଡ଼ିତ ହୋଇସାରିଥିଲା । ତାର ଚେତା ବୁଡ଼ିଗଲାରୁ, ଲୋକେ କହିଲେ ଦଶରଥକୁ ଡାହାଣୀ ଲାଗିଛି । ଏଣୁ ଦିଶାରୀକୁ ଡକାଗଲା ।

ପିଲାଙ୍କ କଥା

**ଡିସାରୀ ଦଶରଥକେ ଡିସାରୀ କାମ ଡିଙ୍ଗକେ, ତେଲା ଡିଗ୍ ଚେତା ଆବାକେ ଣ୍ଡୁ । ସାରାସାରି ଡକ୍ଟର ପାଙ୍ଗକେ, ଦଶରଥକେ ସିର ବିକେ । ବାସଙ୍ଗ୍, କେ ଆର୍‌ଲା ଣ୍ଡିଆ ହୁଗ୍ ଚେ ଦଶରଥ ଦେକ୍ ଡିଙ୍ଗ୍‌ଲେ । ସିର ଚଙ୍ଗ୍‌ଲା ନିମାଣ୍ଡା ଡିଙ୍ଗ୍ ଓ୍ୱେଏ । ସର୍‌ତେରେ ମିଆ ଆର୍‌କେ ଦଶରଥ ଗୌଡ଼କେ ପାଙ୍ଗ୍‌ନିଆ ସାଃ ଆଲେଗେ ଆମେକେ ରୋଗ ଡିଙ୍ଗଲେଗେ ।**



ଦିଶାରୀ ଦଶରଥକୁ ଝଡା ଫୁଙ୍କା କଲା, ହେଲେ ଦଶରଥର ଚେତା ଫେରିଲା ନାହିଁ । ଶେଷକୁ ଡ଼ାକ୍ତର ଆସିଲେ, ଦଶରଥକୁ ଔଷଧ ଦେଲେ । କହିଲେ, ମଇଳା ପାଣି ପିଇ ଦଶରଥର ଏପରି ଅବସ୍ଥା ହୋଇଛି । ଔଷଧ ଖାଇଲେ ସେ ଭଲ ହୋଇଯିବ । ସତକୁ ସତ ଔଷଧ ଖାଇବା ପରେ ରୋଗ ଭଲ ହୋଇଗଲା । ସମସ୍ତେ ବୁଝିଲେ, ଦଶରଥ ଗୌଡ଼କୁ ଡାହାଣୀ ଧରିନଥିଲା, ତାକୁ ରୋଗ ହୋଇଥିଲା ।

# କୋଣ୍ଡା ବିରିଂ ନାସଃ (ବଣ ପର୍ବତ ନଷ୍ଟ ହେଲା)

**ହୋଃ ସାଃ ପିତୁର୍ ପାକା କୋଣ୍ଡା ବିରି ବର୍ଡ଼ି ଲେଗେଏ । ଲେଗା ଲେଗା ରେମୁଆଇଙ୍ଗ୍ ଜବର୍ ଡିଙ୍ଗ୍ ରାଙ୍ଗ୍ ଓ୍ୱେକେ । ଡୁଆଃ ଆଡ଼େଙ୍ଗ୍ ଦରକାର ପଡ଼େକେ । ଲିଜ ଆଡ଼େଙ୍ଗ୍ ଡିଗ୍ ଦର୍କାର ପଡ଼େକେ । ଆତେନ୍ ସ୍ଲା ପାଡୁ ସର୍ତେ ସିପା ଆର୍କେ ଆରି ସ୍ଲା ପାଡୁ ଆଉଙ୍ଗ୍ ଆର୍କେ ଣ୍ଡୁ । ଣ୍ଡିଆ ଣ୍ଡୁଲା ସିଃ ଉଡ଼ିଆ ଚେ ଚଙ୍ଗ୍ ଆୟା ଆର୍ ଣ୍ଡୁ । ଆକେ ଡୁଆ ଣ୍ଡ୍ରେ ନେ ରେମୁଆ ଇଙ୍ଗ୍ ଡାଃ ରାଙ୍ଗ୍ ଗେ ।**



ପୂର୍ବକାଳରେ ଆମ ଚାରିପଟେ ବଣ ଜଙ୍ଗଲ ପରିପୂର୍ଣ୍ଣ ହୋଇ ରହିଥିଲା । ଧିରେଧିରେ ଲୋକସଂଖ୍ୟା ବଢ଼ିବାକୁ ଲାଗିଲା । ଘରଦ୍ୱାର ଅଧିକ ଲୋଡ଼ା ହେଲା । ଚାଷ ଜମି ଅଧିକ ଦରକାର ପଡ଼ିଲା । ସେଥିପାଇଁ ଗଛ କଟା ହେଲା ଏବଂ ଜଙ୍ଗଲ ସଫା ହେଲା । ହେଲେ ଆଉ ଗଛ ଲଗା ଗଲା ନାହିଁ । ବର୍ଷା ଅଭାବରୁ ଚାଷ କାର୍ଯ୍ୟରେ ବାଧା ସୃଷ୍ଟି ହେଲା । ଏଣେ ପରିବାରର ସଦସ୍ୟ ସଂଖ୍ୟା କ୍ରମେ ବୃଦ୍ଧି ପାଉଥିଲା ।

ପିଲାଙ୍କ କଥା

ଦିଆର୍ ଆଡ଼େଙ୍ଗ୍ ନେ ସର୍ତେ ଜବର୍ ଡିଙ୍ଗ୍ରାଙ୍ଗ୍ ୱେ୍କେ । ମାତ୍ର ଦିଆର୍ ଇଂସା ଡାକୁ କାସୁ ଆଲେଗେ ଣ୍ଡୁ । ଏକେନେ ଆତେ ଜବର କଷ୍ଟରେ ଲେଏ ୱେ୍ ଗେ । ରେମୁଆ ନେ ସଂଖ୍ୟା ଇକୁଡ଼ା ଲେଏଲା । ୱେ୍କେନ ସର୍ତେ ମେଁଏ ସେ ଆଡିଙ୍ଗ୍ ପାଡିଙ୍ଗ୍ ରେମୁଆ ଭାବେକେ ।



ବ୍ୟୟ ଅଧିକ ହେଲା । ତଦନୁଯାୟୀ ଆୟର ପରିମାଣ ଯଥେଷ୍ଟ ନଥିବାରୁ ଖାଦ୍ୟ, ଲୁଗାପଟା, ଔଷଧ ପତ୍ର ଯୋଗାଇବାରେ ଅସୁବିଧା ସୃଷ୍ଟି ହେଲା । ଏତଦ୍ ବ୍ୟତୀତ ଅନ୍ୟାନ୍ୟ ସମସ୍ୟା ମଧ୍ୟ ସମ୍ମୁଖକୁ ଆସିଲା । ସବୁର ମୂଳରେ ଥିଲା ଜନସଂଖ୍ୟା ବୃଦ୍ଧି । ଲୋକମାନଙ୍କର ସଂଖ୍ୟା କମ୍ ହେଲେ, ଏତେ ସବୁ ଅସୁବିଧା ହୁଅନ୍ତା ନାହିଁ ବୋଲି ମନୁଷ୍ୟ ଚିନ୍ତା କଲା ।

# ବୁଦୁରୀ ପାଠଲଚେ ଗାଲି ଆମିଆକେ
# (ବୁଦୁରୀ ପାଠ ପଢ଼ିଲା)

ମଙ୍ଗୁଲୁ ମାଲକାନଗିରି ସହରନ୍ତୁଗ ସ୍ଲେ ମିଆକେ । ମେଃନେ ସେଲାମ୍ନେ ମିନି ମାଲତୀ । ମେ ଇନି ଲେମିଆକେ । ମାଲତୀ କେ ଆତାଡ଼େ ବେମୀ ଓ୍ୱିଙ୍ଗ୍ ମିଆକେ । ମାଲତୀ ସରତେ ଦ୍ରିଗ୍ ମିଆକେ । ମେସୁଆ ଲମ୍‌ଡିଗ୍ କାଲା ମାଲତୀ ବୁଦୁରି ନ୍ତୁଗ ଓ୍ୱେକେ । ମଙ୍ଗୁଲୁ ଡାଗ୍‌ରା ଚିଠି ଗୁଆର୍ ଇଂସା ବାସଙ୍‌କେ । ବୁଦୁରି ସିଲିଆ କୁକ୍‌କେ ମେଃରେ ଙ୍ଗୁଆର୍ ଓ ବାସଙ୍ଗ ।

ମାଲତୀ- ଡୁଆ ସଂସାର ମିଆଲେକେ । ବାସଙ୍ଗ ଇଂସା, ଗିଆସଃ ଆବାସଙ୍‌ଲା ଆଡି, ଣ୍ଡୁ ଆତା ମିଆଲା ଆଃ ଆନ୍ତାର । ବୁଦ୍‌ରି – ପେ ଆତାକେ ଓ୍ୱେକେନ ନାଃ ବୁଟଏ ଗୁଆର୍ ବେଏ – ନାମିଆକେ ।



ମଙ୍ଗୁଲୁ ମାଲକାନଗିରି ସହରରେ କାମ କରେ । ତା ଘରଣୀର ନାଁ ମାଲତୀ । ସେ ଗାଁରେ ଥାଏ । ମାଲତୀକୁ ତା ଶାଶୁ ଅକାରଣେ ମାଡ଼ଗାଳି ଦିଏ । ମାଲତୀ ସବୁ ସହେ । ଦିନେ ସନ୍ଧ୍ୟାବେଳେ ମାଲତୀ ବୁଦୁରୀ ପାଖକୁ ଗଲା । ମଙ୍ଗୁଲୁ ପାଖକୁ ଚିଠିଟିଏ ଲେଖି ଦେବାକୁ କହିଲା । ବୁଦୁରୀ ପଚାରିଲା, କଣ ଲେଖିବି କୁହ ।

ମାଲତୀ – ଘର ସଂସାର କରିଛି । କହିବାକୁ ଲାଜ, ନ କହିଲେ ଚଳୁନି, ଶାଶୁ ଜାଣିଲେ ବାକି ରଖିବନି ।

ବୁଦୁରୀ – ତମର ଶାଶୁକୁ ଏତେ ଡର, ପଢା ଲେଖା ଶିଖୁନ ।

ପିଲାଙ୍କ କଥା

ମାଲତୀ – ନେଙ୍ଗ୍ ମେଃରେ ପାଠଲ ଇଂୟା ଏ ?

ବୁଦ୍‌ରି – ମେଁଇଂସା ନାୟା ? ନେଙ୍ଗ୍ ଗୁଆର୍ ବେଏ ଆମିଆ ୟିଏ । ଆରି ପେ ଆତାକେ ନାଃ ବୁଟ ଣ୍ଟୁ ।

ମାଲତୀ – ହଁ ନେଙ୍ଗ୍ ପାଠ ଇଂଲଏ । ନେଙ୍ଗ ଆଃ ଚିଠି ଙ୍ଗୁଆରଏ ।

ବୁଦୁରି ମାଲତୀକେ ପାଠ ଆଲକେ । ମାଲତୀ ଖଡ଼ି ପାଠା ଖାତା ପେନ୍ ସାଃ ଚେ ଗୁଆର୍ ବେଏ କେ । ଲେଗା ଲେଗା ବହି ପଢ଼େକେ । ଏଥର ମଙ୍ଗୁଲୁ ନ୍ତୁଗ୍ ଚିଠି ଗୁଆର୍ କେ । ଗୁଆର ବେଏଚେ ମେଁ ସଂସାର୍ ନେ ଖବର ବଃକେ ।



ମାଲତୀ – ମୁଁ କଣ ପାଠ ପଢ଼ି ପାରିବି ?

ବୁଦୁରୀ – କାହିଁକି ପାରିବିନି ? ମୁଁ ପଢ଼ା ଲେଖା ଶିଖାଇ ଦେବି । ଆଉ ଶାଶୂକୁ ଡର ମାଡ଼ିବ ନାହିଁ ।

ମାଲତୀ– ହଉ, ମୁଁ ପାଠ ପଢ଼ିବି; ନିଜେ ଚିଠି ଲେଖିବି ।

ବୁଦୁରୀ ମାଲତୀକୁ ପାଠ ପଢ଼େଇଲା । ମାଲତୀ ଖଡ଼ି ସିଲଟ ଖାତା କଲମ ଧରି ଲେଖା ଲେଖି କଲା । ଧୀରେ ଧୀରେ ବହି ପଢ଼ିଲା । ହିସାବ ଶିଖିଲା । ଏବେ ସେ ମଙ୍ଗୁଲୁ ପାଖକୁ ଚିଠି ଲେଖି ପାରୁଛି । ପଢ଼ା ଲେଖା କରି ସେ ସଂସାରର ଖବର ରଖିପାରୁଛି ।

# ଗଡେଅକେ ବୁଜେନେ ଅସ୍‌ମାର୍
# (ପିଲାକୁ ବୁଝାଇବା ଗୀତ)

ୟାଇଙ୍ ଣ୍ଡିଆ ଲାକା ଓ୍ୱେଲାଏ, ଆଓଗେ ଏବେ ଓ୍ୱିଗ୍ଏ, ୟାଇଙ୍ ପାଇଙ୍ଲା ଭଲେ ବାଟା ବିଏ
ଆବାଃ ସାନ୍ତା ଓ୍ୱେଲେଏ ଏବେ ଓ୍ୱିଚାଏ ସକାଃ ସେକ୍‌ପୁଆ ଡୁଇଙ୍ ଓ୍ୱିଚାଏ,
ପାଠଲଃ ଓ୍ୱେଲା ଇସ୍‌କୁଲ ଓ୍ୱେଲା, ନାଲଲା ପାଠ୍ ଆଃଡା ବୁଦ୍ଧି ନାସିକେଏ,
ୟାଇଙ୍ ଗଡେଓ ଅଃ ଡିଇଙ୍ ୟ୍ୟା ଉଗ୍ଲା ।





ମାଆ ପାଣି ଆଣିବାକୁ ଯାଇଛି, କାନ୍ଦ ନାହିଁ ଏବେ ଆସିବ, ମାଆ ଆସିଲେ ଭାତ ବାଢ଼ିଦେବ ।
ବାପା ହାଟକୁ ଯାଇଛି ଏବେ ଆସିବ ଜାମା ପଟା ଆଣିବ ।
ପାଠ ପଢ଼ି ଯାଅ ସ୍କୁଲକୁ, ପଢ଼ିଲେ ପାଠରୁ ବୁଦ୍ଧି ଶିଖିବୁ । ମାଆ ପିଲା କାନ୍ଦୁଛି, ଶିଘ୍ର ଆସ ।

ପିଲାଙ୍କ କଥା

# ପାଠ୍ ଲ ଓ୍ୱେକାଲାନେ ଅସ୍‌ମାର
# (ପାଠ ପଢ଼ିଯିବା ସମୟରେ ଗୀତ)

ଣ୍ଡୁ ୟାଙ୍ଗ୍ ଡୁଆ ନାଲେଏ ଣ୍ଡୁ, ପାଠ୍ ଲଃ ଓ୍ୱେ ଏ ଇସ୍‌କୁଲ ଓ୍ୱେ ଲା ସାଙ୍ଗ୍ ଆଃତେ, ମିସୁଏ ସରତେ ବ୍ନାଲିର୍ ମିଆ,

ଇସ୍‌କୁଲ ଓ୍ୱେ ଲା ସାଙ୍ଗ୍ ଆଃତେ ମିଷୁଏ ସରତେ ବ୍ନାଲିର୍ ମିଆଏ । ଇସ୍‌କୁଲ ନ୍ତୁଗ୍ ତିମି ବ୍ନାଲିର୍ ମିଆଏ ।

ନେଙ୍ଗ୍ ଆରି କଣ୍ଡା ନା ଓ୍ୱେ, ଲିଜ କାଗ୍‌ବ ବୁଆ ନା ଓ୍ୱେ ଣ୍ଡୁ । ଆନେଙ୍ଗ୍ ଇସ୍‌କୁଲ ଆନ୍ତାର୍ ବିଲା । ନେଙ୍ଗ୍ ଇସକୁଲ ଓ୍ୱେଏ ।



ନାଇଁ ମାଆ, ମୁଁ ଘରେ ରହିବି ନାହିଁ, ପାଠ ପଢ଼ିବି ପାଠ ପଢ଼ିବାକୁ ସ୍କୁଲ ଯିବି ।
ସ୍କୁଲ ଗଲେ ନୂଆ ସାଥି ହେବି, ସବୁ କଥା ଜାଣିପାରିବି, ସେହି ସ୍କୁଲରେ ନୂଆ କଥା ଜାଣିବି ।
ମୁଁ ଆଉ ଡଂଗର ଯିବି ନାହିଁ, ବେଢ଼ାକୁ ହିଡ଼ ବାନ୍ଧି ଯିବି ନାହିଁ, ମୋତେ ସ୍କୁଲ ଛାଡ଼ିଦେ, ମୁଁ ସ୍କୁଲ ଯିବି ।

# ଡୁଆ ସଜେଏ କାଲାନେ ଅସମାର୍
# (ଘର ଉପକରଣ ସଜାଡ଼ିବା ବେଳେ ଗୀତ)

ତନା ଭାରି ଇଆଁଙ୍ଗ୍ ତନା, ନେ ସରତେ କୁଡ଼େଛେ କାମ ନେଡିଙ୍ଗ ପାଃ ।
ସର୍‌ତେ ଲିଜ ଡୁଗ୍ ନେସ୍ଲେପା, ନେବିଗ୍ ଡିରା କିଆ ।
ଡୁଆ ନେଡିଙ୍ଗ୍ ଡୁଆନେ କାମ ଏଲାପା ସରତେ ନେଃପାଗ୍ ପା
ଜିନିଷ୍ ଇଙ୍ଗ୍ ପାଃଗ୍, ବଲା ସରତେ ନିମାଣ୍ଡା, ଡ୍ନାଏ ଆବଲ, ନିମାଣ୍ଡା ଆଡ୍ନା ଣ୍ଡୁ ।



ଭାଇ ଭଉଣୀ ମାଆ ଭଉଣୀ, ଆମେ ସମସ୍ତେ ମିଳିମିଶି କାମ କରିବା
ସବୁ ଜମିରେ ଧାନ ବୁଣିବା, ବୁଣିବା ମାଣ୍ଡିଆ ଧାନ
ଘର କରିବା, ଘରକୁ ଛପର କରିବା, ଆସ ସବୁ ଜିନିଷ ସାଇତି ରଖିବା ।
ଜିନିଷ ସଜାଡ଼ି ରଖିଲେ, ସବୁ ସୁନ୍ଦର ଦିଶିବା,
ରଖିଲେ ସୁନ୍ଦର ନ ରଖିଲେ ଅନ୍ଧାର ।

ପିଲାଙ୍କ କଥା

**ଆଦିବାସୀ ଭାଷା ଓ ସଂସ୍କୃତି ଏକାଡେମୀ**
ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ ବିଭାଗ,
ଓଡ଼ିଶା ସରକାର, ଭୁବନେଶ୍ୱର